# ପିଲାଙ୍କ କଥା

## (ଗଣ୍ଠି)

### ପ୍ରଥମ ଭାଗ



# ପିଲାଙ୍କ କଥା (ଗଣ୍ଡି)

## ପ୍ରଥମ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ<br>ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


**ନିର୍ଦ୍ଦେଶକ**
ପ୍ରଫେସର ଅଖିଳ ବିହାରୀ ଓତା

**ପ୍ରସ୍ତୁତି**
ଗଣ୍ଡି ସଂସାଧକ ମଣ୍ଡଳୀ
ଶ୍ରୀ ପିଲିସାଏ ଗଣ୍ଡ
ଶ୍ରୀ ମଣିରାମ ଗଣ୍ଡ
ଶ୍ରୀ ବିଙ୍ଗୁରାମ ଗଣ୍ଡ

**ସଂଯୋଜନା**
ଡ଼ଃ ପରମାନନ୍ଦ ପଟେଲ

**ଅଳଙ୍କରଣ**
ପ୍ରିୟରଞ୍ଜନ ବରାଳ



**ପ୍ରକାଶକ**
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



**Director :**
Prof. (Dr.) A.B. Ota

**Prepared by :**
Gondi Resource Group
Sri Pilisai Gond
Sri Maniram Gond
Sri Binguram Gond

**Co-ordinator :**
Dr. Paramananda Patel

**Illustration :**
Priyaranjan Baral



**Published by :**
Academy of Tribal Languages & Culture
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଗଣ୍ଡି ଭାଷାର ପ୍ରଥମ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକରେ ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ସାତେୟ୍‌ତା ସମ୍‌ପତି
# (ସତ ସମ୍ପତ୍ତି)

ଓରଡ୍ ସଉକାର୍ ମାନେଏ ମତାଡ୍ । ଓନାହିଗା ଆଚାୟ ସମ୍‌ପତି ମାତା । ଆଛାୟ୍ ସମ୍‌ପତି ମାତେକ୍ ଗାଲା ଓଡ୍ ହାରିକ୍‌ତେ ମାନଡ୍ । ଆଛଡାହ୍‌ଚିନ୍ ଆଛାୟ୍ ପାଡିଲା ମାନ୍ କିଷକ୍ ମାତଡ୍ । ଉଣ୍ତିଦିନାତା ପାଲ । ଓ୍ୱନା ଲତେ ଓ୍ୱାରଡ୍ ସାଧୁ ଓ୍ୱାତୁଡ୍ । ଓ୍ୱନ୍ ହୁଡଶି ମାଞ୍ଚାଲ କାବାଲ୍ ବୁନା ଲାଗ୍‌ଲାତା ସମ୍‌ପତି ମାନେଏ ଓନା ପାଲ କେଜ୍‌ଂତୁଡ୍ ମାନେଏ ଲଡ୍ ଓ୍ୱନ୍ ଆଚା ମାନେ ମାତୁଡ୍ । ଓଡ୍ ଅନାହିଗା ହାତୁଡ୍ । ଇତଡ୍ ହେ ବଗବାନ୍ ନାକୁନ୍ ଆଛାୟ୍ ସମପତି ହିମ୍ । ଭାଙ୍ଗେଗାଲା ନାଖୁନ୍ ସାତ୍ ପିଡିହିତେ ତିତେକ୍ ଗାଲା ମାଡ ।



ଜଣେ ଧନୀ ଲୋକ ଥିଲେ । ତାଙ୍କ ପାଖରେ ଅନେକ ଧନ ଥିଲା । ଏତେ ଧନ ଥିଲେ ବି ସେ ଖୁସି ନ ଥିଲେ । ଆହୁରି ଅଧିକ ପାଇବାକୁ ମନ କରୁଥିଲେ । ଦିନକର କଥା । ତାଙ୍କ ଘରକୁ ଜଣେ ସାଧୁ ଆସିଲେ । ତାଙ୍କୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଥିଲା ଧନୀ ଲୋକଟି ତାଙ୍କ କଥା ଶୁଣିଲା, ଲୋକେ ତାଙ୍କୁ ପ୍ରଶଂସା କରୁଥିଲେ । ସିଏ ତାଙ୍କ ପାଖକୁ ଗଲା, କହିଲା, "ହେ ପ୍ରଭୁ, ମୋତେ ବହୁତ ଧନ ଦିଅନ୍ତୁ, ଯାହା ମୋର ସାତ ପୁରୁଷ ଖାଇଲେବି ସରିବନି" ।

ସାଧୁ ଅନ୍ ହୁଡ଼୍‌ତୁଡ୍ । ଅନ୍ ଜଡି ପାରୋ ହୁଡସି ଇତୁଡ୍ । ନିମା ବାଁ ଇଛା କି କି ଆଦ୍ ଆୟାଲ୍ । କିନ୍ତୁ ନିକୁନ୍ ଉଣ୍ଡି କାମ୍ କିଇ ଲାଗାଲ୍ । ସଉକାର ଧିରେ ପୁତେ ମାତୁଡ୍ । ଓ୍ୱାହା ମାହାପୁରୁ ବାତା କାମ୍ କିଇ ଲାଗାଲ୍ ? “ସାଧୁ ଇତୁଡ୍” ମିଓ୍ୱା ଲତ୍ ହେଡେ ଉଣ୍ଡି କୁଡିଆଲତ୍ ମାନ୍ନା । ଆଗା ରାଣ୍ଡ ଜାନାଁ ପଦାଡ୍ ରାଣ୍ଡସିଁ ମାନ୍ନା । ନାଡି ଆଦ୍ ଲତେ ହାନ୍ଧକି । ଆଓ୍ୱେହେ, ନା ତିନ୍ଧାନା କାଜେ ବାତାଁ ବାତାଁ, ପିଣ୍ଡି, ଡାଡିଁ, ହାଓ୍ୱଡ୍, ମିଡିଁ ଦରକାର ହିସି ଓ୍ୱାଇକି, ତାନା ପାରେକ୍ ନିଓ୍ୱା ଜାଦା ଧାନ୍ ଆୟାଲ୍ । ଆଦ୍ ଧାନ୍ ବାସ୍ କେୟ୍ ମାଡ଼୍ ।



ସାଧୁ ତାଙ୍କୁ ଚାହିଁଲେ । ତାଙ୍କୁ ଉପରୁ ତଳ ପର୍ଯ୍ୟନ୍ତ ଚାହିଁ କହିଲେ, “ତୁମେ ଯାହା ଚାହିଁବ ହେବ, କିନ୍ତୁ ତୁମକୁ ଗୋଟିଏ କାମ କରିବାକୁ ପଡ଼ିବ ।” ଧନୀ ଲୋକଟି ନରମ ହୋଇ ପଚାରିଲା, “କହନ୍ତୁ ପ୍ରଭୁ, କେଉଁ କାମ କରିବାକୁ ହେବ ? ସାଧୁ କହିଲେ, “ତୁମ ଘର ପାଖରେ ଗୋଟିଏ କୁଡ଼ିଆ ଘର ଅଛି । ସେଠି ଜଣେ ଶାଶୁ ଓ ବୋହୂ ରହୁଛନ୍ତି କାଲି ତାଙ୍କ ଘରକୁ ଯିବ । ତାଙ୍କର ଖାଇବା ପାଇଁ ଯାହା ଅଟା, ଡାଲି, ଲୁଣ ଓ ଲଙ୍କା ଦରକାର ଦେଇଆସିବ ତାପରେ ତୁମର ଅଧିକ ଧନ ହେବ । ସେ ଧନ କେବେ ସରିବ ନାହିଁ ।

ଇଦ୍ ପାଲ୍ କେଞ୍ଜ୍ସି କୋଡ୍ୟାଡ୍ ଇତ୍ । ସଉକାର୍ ଇଦେକ୍ ମାଆଁ ହିଗା ତିନ୍ଧିଲା ସବ୍ ଜିନିଷ ମାନ୍‌ତାଲ୍ । ମାଓ୍ବା ଇଦେକ ଜିନିଷ୍ ଲାଗୋ । ସଉକାର୍ ମାନେଏ ଇତୁଡ୍ ଇଓ୍ବେନ୍ ନାଡି କାଜେ ଇରଣି ମାନ୍ । କୋଇତାଡ ଇତ୍ ମାମୋ ନାଡି ପାଲ ଚିନ୍ନାକେଓମ୍ । ମାକୁନ୍ ସାବଦିନା ତିନ୍ଧିଲା ମିଡ୍‌ଲାତା । ସୋଉକାର ମାନେଏ ଇଦ୍‌ପାଲ୍ କେଞ୍ଜାଣି ବକୁଓ୍ବାଲ୍ ଆତୁ ଡ୍ । ମନେ ମନେ ବିଚାର୍ କିତୁଡ୍, ଏଲଡ୍ ନାଡିକାଜେ ବିଚାର୍ କେଓ୍ବଡ୍ ନାନା ସାତ୍ ଫିଁଡିହି ତା ପାଲ ଚିନ୍ତା କିନ୍ତନା । ସୋଉକାର୍ ମାନେଏ ସାତେଏ ପାଲ ମିଡ୍‌ଡା । ହାଡିକ୍ ମାନ୍ଧାନା ଆଚାୟ୍ ସମ୍ପତି ।



ଧନୀ ଲୋକଟି ସବୁ ଜିନିଷ ଧରି ଗଲା ବୋହୁକୁ ଜିନିଷ ନେବାକୁ କହିଲା । କଥା ଶୁଣି ବୋହୂ କହିଲା, "ଧନୀ ମହାଶୟ, ଆଜି ଖାଇବାକୁ ଆମ ପାଖରେ ସବୁ ଜିନିଷ ଅଛି । ଆମର ଏ ଜିନିଷ ଦରକାର ନାହିଁ ।" ଧନୀ ଲୋକଟି କହିଲା, "ଏଗୁଡ଼ିକୁ କାଲି ପାଇଁ ରଖି ନିଅନ୍ତୁ । ବୋହୂ କହିଲା, "ଆମେ କାଲି କଥା ଭାବୁନୁ । ଆମକୁ ସବୁଦିନ ଖାଇବାକୁ ମିଳୁଛି ।" ଧନୀ ଲୋକଟି ଏ କଥା ଶୁଣି ଆଶ୍ଚର୍ଯ୍ୟ ହେଲା, ମନେ ମନେ ବିଚାର କଲା, ଏମାନେ କାଲି ପାଇଁ ଭାବୁନାହାନ୍ତି ମୁଁ ସାତପୁରୁଷ କଥା ଭାବୁଛି । ଧନୀ ଲୋକଙ୍କୁ ସତକଥାଟି ମିଳିଗଲା, ସନ୍ତୋଷ ରହିବା ହିଁ ସତ ଧନ ।

# ସାମୁଦ୍ରତା ଏର୍ ହାଓଡ୍ ଆତ୍
# (ସମୁଦ୍ର ପାଣି ଲୁଣି କିପରି ହେଲା)

**ଆଚାୟ୍ ଦିନ୍ତା ପାଲୋ । ଉନ୍ଟାନ ଓ୍ୱାଡାତେ ରାଣ୍ଡଜାନଡ୍ ଭାଇ ମାତଡ୍ । ହୁଡୁର୍ ଭାଇ ସୋଉକାର୍ ମାତଡ୍ । ହୁଡୁର୍ ଭାଇ ଗରିବ ମାତଡ୍ । ଦିରେ ଦିରେ ହୁଡୁର ଭାଇ ନିଗା ପାଜା ପାଜା ଧାନ ଆତ୍ । ଓ୍ୱଡ ହଜର ଭାଇନ୍ ତାଲେକ୍ ତୁଡ । ହଜର ଭାଇ ହିଡିକ୍ ଗାଲା ନୁକାଁ ହେଓ୍ୱଡ୍ । ଓ୍ୱଡ୍ ଦୁଃଖତେ ହାତୁଡ୍ । ହାରିତେ ଓ୍ୱରଡ୍ ସେୟାନ୍ ମାନେଏ ତୁନ୍ ହୁଡ୍ତୁଡ୍ । ଓ୍ୱଡ୍ ତାଲାତେ କାଠିଆ କାଞ୍ଜଶି ମାନନ୍ଧୁଡ୍ । ସେୟାନ୍ ମାନେଏ ପୁଚେ ମାତୁଡ୍, ମାରୀ, ନିମା ଦୁଃଖତେ ମାନ୍ଦ୍ଲେ ବୁନା ଲାଗ୍ଲାତା । ଇଦ୍ କାରଣ ବାତାଆନ୍ଧ୍ । ହୁଡୁର ପେକାଲ ସବ୍ତୁନ୍ ଓ୍ୱାହତୁଡ୍ ଓନା ପାଲୋ କେଞ୍ଜସି ମୁଦିୟାଲ୍ ଇତୁଡ୍ । ମାରୀ ନିମା ଦୁଃଖ୍ କେମା । ନିମା ଇଦ୍ କାଠୟାକୁନ୍ ନାଆ ଲତେଓସି ମାଞ୍ଜାଲ । ଓ୍ୱଡ୍ କାଠିୟା ଦିବାତୁନ୍ ତାଛିତୁଡ୍ । ମୁଦିୟାଲନା ଲୋତେ ଆଓ୍ୱିହ ଚିତୁଡ୍ ।**



ଅନେ କଦିନ ତଳର କଥା । ଗୋଟିଏ ଗାଁରେ ଦୁଇ ଭାଇ ରହୁଥିଲେ । ବଡ଼ ଭାଇ ଧନୀ ଥିଲା । ଛୋଟ ଭାଇ ଗରିବ ଥିଲା । ଥରେ ଛୋଟଭାଇ ପାଖରେ କିଛି ଖାଇବାକୁ ନ ଥିଲା । ସେ ବଡ଼ ଭାଇଙ୍କୁ ଖାଇବାକୁ ମାଗିଲା । ବଡ଼ ଭାଇ ଗୋଟିଏ ହେଲେ ଚାଉଳ ଦେଲାନି । ସେ ଦୁଃଖରେ ଫେରିଲା, ବାଟରେ ଜଣେ ବୁଢ଼ାଲୋକ ଦେଖାହେଲେ । ତା ମୁଣ୍ଡରେ କାଠଗୋଛା ଥିଲା । ବୁଢ଼ାଟି ପଚାରିଲା, ପୁଅ, ତୁ ଦୁଃଖି ଜଣାପଡୁଚି । ଏହାର କାରଣ କଣ ? ଛୋଟ ଭାଇ ସବୁ କହିଲା, ତା କଥା ଶୁଣି ବୁଢ଼ା କହିଲା, ‘ପୁଅ ଧୈର୍ଯ୍ୟ ଧର । ତୁ ଏ କାଠ ଗୋଛାଟିକୁ ମୋ ଘରକୁ ନେଇକି ଯା । ମୁଁ ତୋତେ ଗୋଟିଏ ଜିନିଷ ଦେବି । ତା ଦେହରୁ ତୁ ସବୁ କିଛି ପାଇ ପାରିବୁ । ସେ କାଠ ଗୋଛା ନେଲା । ବୁଢ଼ା ଘରେ ପହଂଚାଇ ଦେଲା ।

ମୁଦିୟାଲ୍ ୱ୍ୱନ୍ ଉନ୍‌ଟାନ୍ ଯତା ହିତୁଡ୍ । ମୁଦିୟା ଇତୁଡ୍ । ଇଦ୍ ଯତା ସାଧାୟ ଆୟ୍ । ଇଦେନ୍ ସିଧା କାଏତେ ୱ୍ୱଲହା । ବାତା ତାଲେହ । କିତେକ ଆଦ୍ ହିୟାଲ୍ ଉଲ୍‌ଟା କାୟ୍‌ତେ ହୁଡିହ୍‌ତେକିଂ ୱ୍ୱାଦ୍ ହିସକ୍ ମାନ୍ଦାଲ୍ । ମୁଦିୟା ନିଗ୍ ଡାଚି କାଲ୍‌କ୍ ଯତା ପାଇସି ଲତେ ୱ୍ୱାତୁଡ୍ । ଲତେ ୱ୍ୱନା କୟ୍‌ତାଡ୍ ଉଡ୍‌ସି ମାତାଲ୍ । ଆଦ୍ ବାତାୟ୍ ତିନ୍‌ୱ୍ୱାୟ ମାତାଲ୍ । ୱ୍ୱନା ବାଙ୍ଗେ ତରାନାତୁନ୍ ହୁଡ୍‌ଶି ହୁଡ୍‌ଶି ମାତାଲ୍ । କାଲ୍ ପାଇଲେ ତୁନ୍ ହୁଡ୍‌ଶି ମାଞ୍ଜାଲ୍ ଆଦ୍ ତାନା ସାହାରେ ହଚିମାନ୍ଧ୍ । ତାନା ସେନ୍‌ହାଡିନ୍ ତାରିଲା, କାୟ, କାଲକ୍,ନରସି, ୱ୍ୱାସି ତାଲେକ୍ ତୁଡ୍ । ଆଦ୍ ଦୁଃଖତେ ତାରିତା ତାନା ପାରେକ୍ ମୁଦିୟାଲ୍ କାମଲ୍ ତାରିସିତୁଡ୍ । ଜାତା ହୁଡିହ୍‌ଛି ଇତୁଡ୍ ନାକୁନ୍ ନୁଖାଁ ହିମ୍ । ଜାତା ତାହଛିଁ ନୁଖାଁ ପାସିତ୍ । ମାଲ୍‌ପୁଆ ପାଶିତ୍ । ହାଡି କୁଷୁରୀ ପାଶିତ୍ । ବାଛର ପ୍ରକାର୍ ମିଠେଇଁ ପାଶିତ୍ । ଆଗାଏ ସବ୍ ଜିନିଷ, କାମାଇ, ବାମାର  ସବ୍ ଆତ୍ । ସାବାଏ ଜାନ୍‌ଡ ଆଛା ମତଡ୍ ।

ବୁଢ଼ା ତାକୁ ଏକ ଚକି ଦେଲା । ବୁଢ଼ା କହିଲା, "ଏ ଚକି ସାଧାରଣ ନୁହେଁ, ଏହାକୁ ସିଧା ହାତ ଆଡ଼କୁ ବୁଲାଅ । ଯାହା ମାଗିବ ଦେବ । ଓଲଟା ହାତରେ ବୁଲାଇବା ବେଳ ପର୍ଯ୍ୟନ୍ତ ସେ ଦେଉଥିବ । ବୁଢ଼ା ଠାରୁ ପଥର ଚକି ନେଇ ଘରକୁ ଆସିଲା । ଘରେ ତା ସ୍ତ୍ରୀ ବସିଥିଲା । ସେ କିଛି ଖାଇ ନଥିଲା । ତା ବାଟକୁ ଅନେଇ ବସିଥିଲା, ପଥର ଚକି ଦେଖି ତା ମୁହଁ ଫିକା ପଡ଼ିଗଲା । ତା ସ୍ୱାମୀ ତାକୁ ଚଦର ବିଛାଇବାକୁ ମାଗିଲା । ସେ ଦୁଃଖରେ ଆଣିଦେଲା । ତାପରେ ସ୍ୱାମୀ ଚଦର ବିଛେଇ ଦେଲା, ଧୁଆ ଧୁଇ ହେଲା । ଚକି ବୁଲାଇ "ହେ ଚକି ମୋତେ ଚଉଳ ଦିଅ" । ଚକିରୁ ଚଉଳ ବାହାରିଲା । ମାଲପୁଆ ବାହାରିଲା, ପୁରୀ, ତରକାରୀ ବାହାରିଲା, କେତେ ପ୍ରକାର ମିଠେଇ ବାହାରିଲା, ଏହିପରି ସବୁ ଜିନିଷ ବାହାରିଲା ।



ପାଜା ୱ୍ୱାଡା ୱ୍ୱାଡେତେ ମାନେଏ ଲଡକୁନ୍ କେଏତୁଡ୍ । ସାହାଡତା ହଜର୍ ହଜର୍ ହଡିଲ ଡ୍କୁନ କେଇଷି ଭୋଜି ହିତୁଡ୍ । ୱ୍ୱନ୍ ସବ୍‌ଜନଡ୍ ଲାଗେଏ କେଏଷି ଫୁଛେ ମାତୁଡ୍ ଆଉର୍ ମାୟା କିତୁଡ । ହୁଡୁର୍ ଭାଇନା ସମ୍ପତି ଆଉ ମାନ୍ଧାନା ହୁଡଶି ହଜର ଭାଇ ବକୁଆଲ୍ ଆତୁଡ୍ । ଭାବି କିତୁଡ୍ ୱ୍ୱଡ ବାଛର ଦିନା ମୁନେଏ ତିନ୍ଧିଲା ହିଲ୍ ୱ୍ୱାୟମାତା । ଇଦ ସବ୍ ବଗ୍‌ଡାହଛି ୱ୍ୱାତା ଇଗାଏ ବାତାଏ ପଲୋ ମନ୍‌ତା । ଉଣ୍ଡିଦିନା ହଜର ଭାଇ ଲୁକ୍‌ଶି ଲୁକ୍‌ଶି ୱ୍ୱନାଲୋତେ ହାତୁଡ୍ । ଲୁକ୍‌ଶି ଆୱ୍ୱ ସବ୍‌ତୁନ ହଡ୍‌ତୁଡ୍ । ଯତା ତୁନ ହୁର୍‌ଣ୍ଡି ହଚି ହୁଡୁର୍ ଭାଇ ବାଦାନ୍ ମିଠାଇଁ ପାଶିହ୍ ଲାତୋଡ୍ ୱ୍ୱଡ ହୁଡଶି ବାହାଡି ପାଶିତୁଡ । ୱ୍ୱଡ ଜାତାତୁନ୍ ଛୋରି କିଇଲା ପାଲାନ୍ କିତୁଡ୍ । ମୁଲପେ ଆତ୍ ସବ୍‌ଜାନଡ୍ ହୁଞ୍ଜାତୁଡ୍ ।



ଚାକର, ବାକର ଘରଦ୍ୱାର ସବୁ ହୋଇଗଲା । ସଭିଏଁ ଭଲରେ ରହିଲେ । ପରେ ସାଇପଡ଼ିଶା ଲୋକଙ୍କୁ ଡାକିଲେ । ସହରର ଭଦ୍ର ଲୋକଙ୍କୁ ଡାକି ଭୋଜି କଲେ । ତାଙ୍କୁ ସମସ୍ତେ ଜାଣିଲେ ଓ ଆଦର କଲେ । ଛୋଟ ଭାଇର ଧନ ଓ ରହିବା ଦେଖି ବଡ଼ ଭାଇ ଆଶ୍ଚର୍ଯ୍ୟ ହେଲା । ଭାବିଲା ସେ କିଛି ଦିନ ଆଗରୁ ଖାଇବାକୁ ପାଉନଥିଲେ । ଏ ସବୁ କେଉଁଠି ଆଣିଲା ? ଏଥିରେ କିଛି କଥା ଅଛି । ଦିନେ ବଡ଼ଭାଇ ଲୁଚି ଲୁଚି ତା ଘରକୁ ଗଲା । ଲୁଚିକରି ସବୁ ଦେଖିଲା । ଚକି ବୁଲେଇ ସାନ ଭାଇ କେମିତି ମିଠାଇ ବାହାର କରୁଛି । ସେ ବାହାରକୁ ଆସିଲା । ସେ ଚକିକୁ ଚୋରି କରିବା କଥା ଭାବିଲା । ରାତି ହେଲା ସଭିଏଁ ଶୋଇଲେ । ବଡ଼ ଭାଇ ସାନ ଭାଇ ଘରକୁ ପଶିଲା । ସେ ଚକିଟି ଚୋରି କରିନେଲା ।

**ହଜର ଭାଇ ହୁଡୁର୍ ଭାଇନିଗା ହଡିତୁଡ୍ । ଓ୍ୱଡ ଜାତାତୁନ ହୁଡଶି ମାଞ୍ଜାଲ ପାଲାନ କିତୁଡ୍ ଇଦ୍ ଜଗାତୁନ ଛାଣ୍ଡିକିଶି ଆଉଡ୍ ବଗାଏ ହାଞ୍ଜି ସୋଉକାର ଆୟ୍‌କା ଇଦ୍ ପାଲୋ ହୁଡୁର୍ ଭାଇ କେଞ୍ଜିପାରଡ୍ । ଇଦାନ୍ ଭାବିକିଶି ସମ୍‌ଦୁର ହେଡେ ହାତୁଡ୍ । ଆଗା ଉନ୍‌ଟାନ୍ ଡଙ୍ଗାତେ ଉଡତୁଡ୍ । ଓ୍ୱଡ ଇଦେତେ ସବ୍ ତାତୁଡ ମାନ୍ତର ହାଓ୍ୱଡ ତାରଡେ । ଡଙ୍ଗା ଆଚାୟ ଲାପି ହାତ୍ । ଓ୍ୱନକୋର ଅସ୍‌ଲତା ଓ୍ୱଡ ହାଓ୍ୱଡ ଖୋଜି କିତୁଡ୍ । ହାଓ୍ୱଡ ମିଡ ଆତ । ଉବକ୍‌ନେ ଜାତା ପଲୋ ପାଶିତ୍ । ଜାତା ତାହଛି ସବ୍ ମିଡାଲ୍ । ଓ୍ୱଡ ହାଡିକ୍ ଆତୁଡ୍ । ନର୍‌ସି ମାଞ୍ଜାଲ ଜାତା ହୁଡିହତୁଡ୍ ଜାତା ହାହଁଚି ହାଓ୍ୱଡ ତାଲେକ୍ ତୁଡ୍ । ଜାତା ହୁରିଣ୍ଡ୍‌ତ୍ ଆଉର ହାଓ୍ୱଡ ପାଶିତ । ଓ୍ୱଡ୍ ହୁର୍‌ଣ୍ଡି ଲାତୋଡ । ହାଓ୍ୱଡ୍ ପାଶିଲାତା ହାଓ୍ୱଡ୍ ଆଚାୟ ଆତ୍ ଡଙ୍ଗ ମୁଡିନ୍ଦ୍‌ତ୍ । ନେଣ୍ଡ ଆଦେ ଜାତା ସମୁଦୁରତେ ହୁରିଣ୍ଡଲାତା ଆଗ୍‌ଡାହଛିନ ହାଓ୍ୱଡ୍ ପାଶିଲାତା । ଆଦେନ୍ କାଜେ ସମଦୁର ଏର ହାଓ୍ୱଡ୍‌ବୁନା ଲାଗଲତା ।**

ଭାବିଲା ଏ ଯାଗା ଛାଡ଼ି ଚାଲିଯିବି । ଆଉ କେଉଁଠି ରହି ଧନୀ ହେବି । ଏକଥା ସାନଭାଇ ଜାଣିପାରିବନି । ଏହା ଭାବି ସେ ସମୁଦ୍ର କୂଳକୁ ଗଲା । ସେଠି ଗୋଟିଏ ନାଆରେ ବସିଲା । ସେ ଘରୁ ଖାଇବାକୁ ସବୁ ଜିନିଷ ଆଣିଥିଲା ମାତ୍ର ଲୁଣ ଆଣି ନଥିଲା । ନାଆ ବହୁତ ଦୂର ଚାଲିଗଲା । ତାକୁ ଭୋକ ଲାଗିଲା । ସେ ଲୁଣ ଖୋଜିଲା । ଲୁଣ ମିଳିଲାନି । ହଠାତ୍ ଚକି କଥା ମନେ ପଡ଼ିଲା । ଚକିରୁ ସବୁ ମିଳିଯିବ । ସିଏ ଖୁସି ହୋଇଗଲା । ଧୁଆ ଧୁଇ ହୋଇ ଚକି ବୁଲାଇଲା, ଚକିକୁ ଲୁଣ ମାଗିଲା । ଚକି ଘୁରିଲା ଓ ଲୁଣ ବାହାରିଲା । ସେ ବୁଲାଉଥିଲା, ଲୁଣ ବାହାରୁଥିଲା । ସେ ଚକି ବନ୍ଦ କରିବା ଜାଣି ନଥିଲା । କେବଳ ଚକି ବୁଲାଇବା ଦେଖିଥିଲା । ତେଣୁ ବହୁତ ଲୁଣ ବାହାରିଲା ଲୁଣ ବେଶି ହେବାରୁ ନାଆ ବୁଡ଼ିଗଲା । ଆଜି ସେ ଚକି ସମୁଦ୍ର ଭିତରେ ବୁଲୁଛି । ସେଥିରେ ଲୁଣ ବାହାରୁଛି । ତେଣୁ ସମୁଦ୍ର ପାଣି ଲୁଣିଆ ଲାଗେ ।



# ଲାଲେଞ୍ଜ୍ ବାଦାନ୍ ଆନ୍ତା
# (ଚନ୍ଦ୍ର ଗ୍ରହଣ)

ପୋଡ଼ଦ୍ ଆରୁ ଲାଲେଞ୍ଜ୍ ଇରୁଡ଼୍ ହେଲାଡ଼ ଆନନ୍ଧୁଡ । ଫିଁଲା ହେକା । ଲୁକ୍ ଲୁକାନି କର୍ଷକ ମାତଡ୍ । ଇନୁନ୍ ଏଲଡ୍ ହଜର୍ ଆତୁଡ୍ । ଓ୍ୱଡେଓ୍ୱଡେ ଛାଲେ ମାତୁଡ୍ । ତିନ୍ଦାନା କୁନ ପୁତୁଡ୍ । ମୁନେ ତିନ୍ଧାନାତେ ଖର୍ଚ୍ଚ କମ୍ ଆତ୍ । ଓ୍ୱାଡାତେ ଅରଡ ଫୁନଦ୍‌ଲେ ମାନେଏ ମାତୁଡ୍ ଓ୍ୱଡ ଓ୍ୱନା ହିଗା ହାତଡ୍ । ଓ୍ୱଡ୍ ଲାଗା ତାଲେକ୍ ତୁଡ୍ । ଇତୁଡ୍ ମାଓ୍ୱା ହିଗା ତିନ୍ଧିଲା ବାତାଏ ହିଲେ । ମାକୁନ ବାଲ୍‌ଦାତେ ହିସିମାଣ୍ଟ୍ । ଠିକ୍ ସମୟ ନିଓ୍ୱା ବାଲ୍‌ଦା ତୁନ୍ ହିଶିକମ୍ । ଓ୍ୱଡ୍ ବାଲଦାତୁନ୍ ହିୟାନ୍ ହଡା ହାତ୍ । ଓ୍ୱଲଡ ହିଇଲା ପାରଡ୍ ।



ସୂର୍ଯ୍ୟ ଓ ଚନ୍ଦ୍ର ଭାଇ ଭଉଣୀ ଥିଲେ । ପିଲାଦିନେ ଲୁଚକାଳୀ ଖେଳୁଥିଲେ । ଏମିତି ସେମାନେ ବଡ଼ ହେଲେ । ନିଜେ ନିଜେ ଚଳିଲେ । ଖାଇବାକଥାବୁଝିଲେ । ଥରେ ଖାଇବା ଖର୍ଚ୍ଚ ଅଭାବ ହେଲା । ତାଙ୍କର ଜଣେ ଜଣାଶୁଣା ସାଙ୍ଗ ଥିଲା । ସେ ତା ପାଖକୁ ଗଲେ । ତାକୁ କରଜ ମାଗିଲେ । କହିଲେ ଆମ ପାଖରେ ଖାଇବାକୁ କିଛି ନାହିଁ । ଆମକୁ କରଜ ଦିଅ, ଠିକ୍ ବେଳେ ତୁମ କରଜ ଶୁଝି ଦେଇଦେବୁ । ମାତ୍ର କରଜ ଫେରାଇବା ବେଳ ଗଲା । ସେମାନେ ଫେରାଇ ପାରିଲେନି । ତେଣୁ ସାଙ୍ଗ ଅଭିଶାପ ଦେଲା ।

ଆଦେନ କାଜେ ସଙ୍ଗଆରୀ ଅଭିଶାପ୍ ହିତୁଡ୍ । ଇତୁଡ୍ ନିମାଟ୍ ହେଲାଡ ସଙ୍ଗେ ମାଦିଲା ପାରୱିଟ୍ । ରାଣ୍ଡସି ଜନ୍‌ତା ଦୁଃଖ କୁତୁଡ୍ ଆଦେ ଦିନାଦାହ୍ ପୋଡଦ୍ ଦିନ୍‌ତେ ୱିନତା ମୁଲ୍‌ତେକିଂ ଲାଲେଞ୍ଜ ଡିଶଲାତା । ସଙ୍ଗୱାରୀ ଅଭିଶାପ୍ ହିଶି ହାତୁଡ୍ । ଲାଗା ପଇସା ପାଡିଲା ୱିନା ହିଗା ହାନ୍ତୁଡ୍ । ୱିଡ୍ ସମପତି ଆୱିଦ୍ ୱେକ୍ ରିସ୍ ଆନ୍‌ତଡ । ରିସ୍ ଆତେକ୍ ୱିନ୍ ତିଞ୍ଜିତଡ୍ । ରିସ୍ କାମ୍ ଆତେକ୍ ପାଶିହ୍ ଛିନତଡ୍ । ଇଦେନା ଗ୍ରହଣ ଆନ୍ତା । ଆଦେନ କାଜେ ଗ୍ରହଣ ଛାଣ୍ଡି କିତେକ୍ ମାନେଏ ଲୋଡ୍ ନହାଇ କିନ୍ତଡ୍ । ହଜର ମାନେଏ ତୁନ୍ ଜୁହାର କିନ୍ତଡ୍ ।



କହିଲା, "ତୁମେ ଭାଇ ଭଉଣୀ ସାଥିରେ ରହିପାରିବନି ।" ଦୁହେଁ ଦୁଃଖ କଲେ ସେଇଦିନଠୁ ସୂର୍ଯ୍ୟ ଦିନରେ ଆସେ ରାତିରେ ଚନ୍ଦ୍ର ଦେଖାଦିଏ । ସାଙ୍ଗ ଅଭିଶାପ ଦେଇ ରହିଗଲାନି । କରଜ ପଇସା ପାଇବାକୁ ସେ ସେମାନଙ୍କ ପାଖକୁ ଯାଉଛି । ସେ ଧନ ନ ପାଇଲେ ରାଗି ଯାଉଛି । ରାଗିଲେ ତାଙ୍କୁ ଗିଳି ଦେଉଛି । ରାଗ ଚାଲିଗଲେ ବାହାର କରିଦେଉଛି । ଏମିତି ଗ୍ରହଣ ହେଉଛି । ତେଣୁ ଗ୍ରହଣ ଛାଡ଼ିଲେ ଲୋକମାନେ ଗାଧାନ୍ତି । ବଡ଼ ଲୋକଙ୍କୁ ଜୁହାର ହୁଅନ୍ତି ।

# ଢେକି ପାଲ
# (ଢିଙ୍କିର ଜନ୍ମ କଥା)

ଗଦବା ୱାଡାତେ ଅରଡ଼୍ ଗଦବା ଜାତିତଡ଼ ମାତୁଡ଼୍ । ଅନା ପାଦର ମାତାଲ ସୋଡ଼ାରି । ଅନ୍ନାଁ ହାଇଙ୍ଗ୍‌ଜାନାଁ ମିୟାହାଡିହ୍ ମାତ୍ । ଉଣ୍ଡିଦିନା ମିୟା ହାଡ଼ିହ୍ ଇତୁଁ ବୁବା ମାମୋ କାମାଇତୁନ କାଏତେ ତୋଲ ଚାଣ୍ଡଲାତମା । ଆଦେନ କାଜେ ତିଡିଞ୍ଜି ଖରାପ ଆନ୍ତା । ନିମା ଇଦାନେ ବାତାୟ ବାନହ କିମ ବାଦାନ୍‌କି ସହଲତ୍ ତେ କମାଇତୁନ ଚୋପା ଛଣ୍ଡାହ କିଇ ଆୟାଲ୍ । ଇଦ୍‌ପାଲ କେଜଂସି ଗଦବା ୱାଡତେ ୱାଡ଼ା ୱାଡ଼ା ଅଲିତୁଡ଼୍ । ପାସଲ୍‌ତା ଛୋପା ଟାଣ୍ଡାନା ମିସିନ୍ ଭାରେତେ ପୁଛେ ମାତୁଡ଼୍ । ମାନ୍ତର ବାଦେ ଜାଗାତେ ହୁଡ଼ିପାରଡ଼୍ କି ବଡ଼େ କାଙ୍ଗେ ୱାହପାରୋଡ୍ । ଆଦେନ ପାରେକ୍ ମଉନି ଡଙ୍ଗର୍‌ତେ ହାତୁଡ଼୍ । ଆଗା ଉନଟାନ ଟାଲି ହୁଡ଼୍‌ସି ପୁଛେ ମାତୁଡ଼୍ ।



ଗଦବାପଡାରେ ଜଣେ ଗଦବା ରହୁଥିଲା । ତାର ନାଆଁ ଥିଲା ସୋଡାରି । ତାର ପାଂଚୋଟି ଝିଅ ଥିଲେ । ଦିନେ ଝିଅ ମାନେ କହିଲେ "ବାପା, ଆମେ ଶସ୍ୟ ଗୁଡ଼ିକରୁ ହାତରେ ଚୋପା ଛଡ଼ାଉଛୁ । ତେଣୁ ନଖ ଗୁଡ଼ିକ ନଷ୍ଟ ହୋଇଯାଉଛି, ତୁମେ ଏମିତି କିଛି ତିଆରି କର ଯାହା ଫଳରେ ସହଜରେ ଶସ୍ୟରୁ ଚୋପା ଛଡ଼ା ଯାଇପାରିବ ।"ଏ କଥା ଶୁଣି ଗଦବା ଗାଁକୁ ଗାଁ ବୁଲିଲା । ଶସ୍ୟରୁ ଚୋପା ଛଡ଼ା ଯନ୍ତ୍ର ବିଷୟରେ ପଚାରିଲା, କିନ୍ତୁ କୌଣସି ଜାଗାରେ ଦେଖିଲାନି କି କେହି କିଛି କହି ପାରିଲେନି । ଶେଷରେ ସେ ମଉନିଡଙ୍ଗରରେ ପହଂଚିଲେ । ସେଠାରେ ଗୋଟିଏ ଗାଇ ଦେଖି ପଚାରିଲା

**କମାଇତା ଛୋପା ଟାଣ୍ଡାନା ମିସିନ୍ ବିଷୟତେ୍ ୱ୍ୱାହି ପାରକି । ଟାଲି ଆଦେନ୍ କାଠିଆତେ ବାହୁନ ଡେକି ବାନାହ୍ କିଇ ଆୟାଲ ଆଦେନା ବିଷୟତେ ତହତ୍ । ମାନ୍ତର୍ ଅନାହିଗା କାଟିଆ ଗନ୍‌ଦିଲା ଟାଇଙ୍ଗା ମାନୱ୍ୱାୟ ମାତା । ଟାଲି ଇତ୍ । ନାଁ ମୁନେତା କହକ୍‌କୁନ ହାଲାହ୍ କିସିମ୍ । ୱ୍ୱଡ୍ ମାନେଏ ଆଦେନା କହକ୍ କୁଦ୍‌ହାଲହ୍ କିତୁଡ୍ ଆଗଡାହ ଛିଡ଼େ ଟାଇଙ୍ଗା, ଟାଟି ଆଉର୍ ପହପି ପାସିତ୍ । ଆପେଡେ କାଟିଆ ନାଟକ୍ ତୁଡ୍ ୱ୍ୱଡ୍ ଆଦେ କାଟିଆତେଡେକି ବାନାହ କୁତୁଡ୍ । ବାନାହ କିସି ପାରେକ୍ ଲତେ ଆତୁଡ୍ । ମିୟାହାଡ଼ିହ୍ ଆଦେନ ପାରେଖ୍ କାମତେ ଲାଗାହ କିତୁଁ । ଆନେଟ୍ ତାହଛି ଡେକିତା ବ୍ୟବହାର୍ ଆତ୍ ।**



ଶସ୍ୟରୁ ଚୋପାଛଡା ଯନ୍ତ୍ର ବିଷୟରେ କିଛି କହିପାରିବ" ? ଗାଇଟି ତାକୁ କାଠରେ କିପରି ଢିଙ୍କି ତିଆରି ହେବ ସେ ବିଷୟରେ ଦେଖାଇଲା । କିନ୍ତୁ ତା ପାଖରେ ଗଛ କାଟିବାକୁ ଟାଙ୍ଗିଆ ନଥିଲା । ଗାଇଟି କହିଲା; "ମୋ ବାମ ପଟ ଶିଙ୍ଗକୁ ହଲାଇଦିଅ; ଲୋକଟି ତା ଶିଙ୍ଗକୁ ହଲାଇଲା, ସେଥିରୁ ଟାଙ୍ଗିଆ, ବାରିସ୍ ଓ ବଟାଳି ବାହାରିଲା । ସେଥିରେ କାଠ କାଟିଲା, ସେ କାଠରେ ଢିଙ୍କି ତିଆରି କଲା । ତିଆରି କରି ସାରି ଘରକୁ ନେଲା । ଝିଅମାନେ ତାକୁ ବ୍ୟବହାର କଲେ । ସେହିଦିନ ଠାରୁ ଢିଙ୍କିର ବ୍ୟବହାର ଆରମ୍ଭ ହୋଇଥିଲା ।

# ପଢଦ କାସ୍ତ୍ ଆଉ ଲାଲେଞ୍ଜି ଗିଲଗିଲା ବାଁକାଜେ ଆତ୍
# (ସୂର୍ଯ୍ୟ ଗରମ ଆଉ ଚନ୍ଦ୍ର ଶୀତଳ କାହିଁକି ?)

ଉଣ୍ଡିଜନା ସେନନା ଅରଡ଼ ପେକାଲ ଆରୁ ଉଣ୍ଡି ପେଗଡ଼ି ମତାଲ୍ । ପେକାନା ପାଦର ସୁରଜ ଆରୁ ପେଗଡ଼ିନା ପାଦର ଚନ୍ଦା ମାତାଲା ଅଲଡ୍  ଗରିବ ମାତଡ୍ । ଆଦେନକାଜେ ଦୁଃଖ୍‌ତେ ମାତଡ୍ । ଆଦେ ୱାଡ଼ାତେ ଆଙ୍କାଲ ଆସିମାତାଲ୍ । ଅଲଡ୍ ତିନ୍ଦିଲା ଆଗ୍ଲୟ ହାରିୟାନ ଆସକ୍ ମାତଡ୍ । ଦାଡ଼ି ୱାଡ଼ାତେ ଅରଡ଼ କେଉଟ୍ ମାତ୍ଡ଼ । ୱଡ଼ ଭୋଜି ବାନାହ କିସ୍‌କ୍ ମାତଡ଼ । ଅଡ଼ ୱାଡ଼ା ଦଡ-ନେୟ ମାକୁନ କେଏଁତୁଢ଼ । ସେନ୍‌ନଡ୍ ପେଗ୍ ଆରୁପେକାନ୍ ଗାଲା କେଇତୁଡ୍ । ଇତୁଡ଼, "ନିମାଟ୍ ଭୋଜି ତିନ୍ଦିଲା ୱାଇକିଟ୍, ନାନ୍ନାସେନମାଦେୟ ହାନ୍ଧିପାରନ, ନାକାଜେ ତାଛି କିଟ୍ । ଇଦାନେ ଇଞ୍ଜି ରାଣ୍ଡସିଜାନଡ୍ ନ ଡାତାଁ ହିତୁ । ହେଲାଡ଼ ଇରୁଡ଼ ଭୋଜିତେ ହାତୁଡ଼ । ସୁରଜ ଆଗା ଆଗ୍ଲ ଆଗ୍ଲତା ତିନ୍ଦ୍‌ନା ହୁଡୁତୁଡ୍ । ତିନ୍ଦନା ହୁଡ଼ସି ୟାୟାନା ପାଲୋ ମାରେଙ୍ଗ୍‌ତୁଡ୍ ।  ତିନ୍ଦନାତେ ଭୁରଲେ ମାତୁଡ୍ ।



ଜଣେ ବୁଢୀର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିଲା । ପୁଅର ନାମ ସୁରଜ ଓ ଝିଅର ନାମ ଚନ୍ଦ ଥିଲା । ସେମାନେ ଗରିବ ଥିଲେ । ତେଣୁ ଦୁଃଖରେ ଥିଲେ । ଥରେ ସେଇ ଗାଁରେ ଦୁର୍ଭିକ୍ଷ ପଡ଼ିଲା । ଏମାନେ ଖାଇବାକୁ ବଡ଼ ହଇରାଣ ହେଲେ । ପଡ଼ୋଶୀ ଗାଁରେ ଜଣେ କେଉଟ ଥିଲା । ସେ ଭୋଜି କରୁଥିଲା । ସେ ଗାଁର ଲୋକଙ୍କୁ ଡାକିଥିଲା ବୁଢୀ ପୁଅ ଝିଅକୁ ଡାକିଲେ । କହିଲେ, "ତୁମେମାନେ ଭୋଜି ଖାଇବାକୁ ଯିବ, ମୁଁ ବୁଢୀ ଲୋକ ଯାଇପାରିବିନି, ମୋ ପାଇଁ ନେଇ ଆସିବ ।" ଏହା କହି ଦୁହିଁଙ୍କୁ ଦୁଇଟି ଦୋନା ଦେଲେ । ଭାଇ, ଭଉଣୀ ଦୁହେଁ ଭୋଜିକୁ ଗଲେ । ସୁରଜ ସେଠାରେ ଭଲ ଭଲ ଖାଇବା ଦେଖିଲା । ଖାଇବା ଜିନିଷଦେଖି ମା' କଥା ଭୁଲିଗଲା । ଖାଇବାରେ ଲାଗିଲା, ଚନ୍ଦା ମା କଥା ଭୁଲିଲାନି । ସେ ଜାଗା ଦୁଇଟିରେ ଖାଇବା ଜିନିଷ ରଖିଲା । ତା' ଉପରେ ଚଦର ଢାଙ୍କି ଦେଲା ।

ଚନ୍ଦା ଗାଲା ଆୟାନା ପାଲୋ ମାରେଙ୍ଗ୍ତ । ଆଦ ଜାଗାତେ ରାଣ୍ଡଟାନ୍ ଜିନିଷ ଇରଷିଡ୍ଡୁଡ଼୍ ଆଦେନ ପାରେକ୍ ମୁଛାନା ମୁଛିହ୍ ଛିତୁଡ଼ି । ଆଓ୍ୱହାଡ଼ି କରତେ ଅଲଡ଼କୁନ ଟାକି କିସିମାତା । ସୁରଜ ବାଙ୍ଗେ ତାରଡ଼୍ । ସେନ ଆଦେନ ହୁଡୁସି ରିସ୍ ଆତ । ଅଭିଶାପ ହିତ୍ । ନିମା ଜାଲ୍ମାହି କାସିମାନ୍ଦକି । ଆଉର୍ ସବୋୟ ଜାନାଁକୁନ୍ ଗରମହିକି । ଲାଲେଞ୍ଜ୍ ପାଜା ମାତାଲ୍ । ତିନ୍ଧାନା ଜାଗା ମୁଛାନା ଲାପାଡାହଛିଦ୍ ପାସିତ୍ । ୟାୟାନ୍ ତିନ୍ଧିଲାହିତ୍ । ୟାଲ୍ ସାରଦା ଆତ୍ । ଆଦେଦ୍ ଆଶୀର୍ବାଦ ହିସି ଇତ୍, ନିମା ସାବୋୟ ସମୟ ଟାଣ୍ଡା୍ ମାନ୍ଧକି ଆରୁ ସାବୋୟକୁନ୍ ଟାଣ୍ଡାଦେ ଇର୍କି । ଆଦେଦିନା ତାହଲେ ପଡଦ ଗାରମ ଆତ୍ । ମାନେୟଲଡ୍ ଆଦି ଓ୍ୱେଡ଼ଛି ପାଡ଼୍ସି ଡ଼ାଣ୍ଡ୍ ପାଡଲାତଡ଼୍ । ଲାଲେଞ୍ଜ୍ ଟାଣ୍ଡା ଆନ୍ଧ ଟାଣ୍ଡା ଆସି ମାନେୟ୍ ଲଡ୍କୁନ୍ ମାନ୍ ସାରଦା କିନ୍ତା ।



ମା ଭୋକରେ ସେମାନଙ୍କୁ ଚାହିଁଥିଲେ । ସୁରଜ କିଛି ଆଣି ନଥିଲା । ବୁଢ଼ୀ ଏହା ଦେଖି ରାଗିଗଲା । ଅଭିଶାପ ଦେଇ କହିଲା, "ତୁ ସବୁବେଳେ ଗରମ ହେବୁ । ସଭିଙ୍କୁ ଗରମ ଦେବୁ ।" ଚାନ୍ଦ ପଛରେ ଥିଲା । ଖାଇବା ଜାଗା ଚାଦର ଭିତରୁ ବାହାର କଲା । ମା'ଙ୍କୁ ଖାଇବାକୁ ଦେଲା, ମା ଖୁସି ହେଲା । ତାକୁ ଆଶୀଷ ଦେଇ କହିଲା, "ତୁ ସବୁ ବେଳେ ଶୀତଳ ରହିବୁ ଏବଂ ସମସ୍ତଙ୍କୁ ଶୀତଳ କରିବୁ ।"ସେଇ ଦିନଠୁ ସୂର୍ଯ୍ୟ ଗରମ ହେଉଛି । ତା କିରଣ ପଡ଼ିଲେ ସଭିଏଁ ଗରମ ହେଉଛନ୍ତି । ଲୋକମାନେ ସେ କିରଣ ପାଇ କଷ୍ଟ ପାଉଛନ୍ତି । ଚନ୍ଦ୍ରଶୀତଳ ହେଉଛି ଶୀତଳ ହୋଇ ଲୋକଙ୍କ ମନ ଖୁସି କରୁଛି ।

# ସୁବ୍ରୋ ଆଉର୍ ନାଗୁଣୀ ମିୟାଡ
# (ସୁବ୍ରୋ ଓ ନାଗୁଣି ବୋହୂ)

ଉନ୍‌ଟାନ୍ ଇଲାକାତେ ଅରଡ୍ ରାଜାଲ୍ ମାତଡ଼୍ । ଅନଡ୍ ଅରଡ଼ ମାର୍‌ହାଡାଲ୍ ମାତଡ଼୍ । ଅନା ପାଦ୍‌ର ସୁବ୍ରୋ ମାତାଲ୍ । ମାର୍‌ହାଡ଼ା ହଜର ଆତୁଡ଼୍ । ବାବା ହାଡାଲ୍ ଅନ୍ ବିହାୟ୍ ହିଇଲା ମାନ୍ କିତୁଡ଼୍ । ଅଡ଼ କଡ଼ୟାଡ଼ ଖୋଜିକିଇଲା ସାବୋୟେତିକେ ହାତୁଡ୍, ତେବ୍‌ଲେକ୍ ଗାଲା ଆଓ୍ୱଜଡ୍ା ଶେଷ୍‌ତେ ମାଟାତେ ହାତୁଡ୍ । ହାରିତେ ଅଡ଼ଲାପା ନାଙ୍ଗିନ୍‌ତୁନ ଭେଟେ ମାତୁଡ଼୍ । ରାଜା ସାବୋୟେ୍ ପାଲ୍ଲୋ ଓ୍ୱାତୁଡ଼୍ । ଇଦେନ୍ କେଞ୍ଜିସି ନାଙ୍ଗିନ୍ ଇତ୍, ନାଓ୍ୱା ଉଣ୍ଡିଜାନ୍ ମିୟାଡ଼ ମାନ୍ତା । ଆଦେନା ପାଦର୍ ଚମ୍ପା, ନିମା ବିଛାର୍ କିତେକ୍ ନିୟା ମାରି ସାଙ୍ଗେ ନାଓ୍ୱା ଗିୟାଡ଼ତୁନ୍ ବିହାୟ୍ କିସିକା । ରାଜା ଇତୁଡ଼୍ ଦାଟ୍ ନାନ୍ନା ହୁଡ଼କାନ୍, ଆଦେନା ପାରେକ୍ ବିହାୟ୍ କିସିକାଟ୍ ।



ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର ଗୋଟିଏ ପୁଅ ଥିଲା । ତାର ନାମ ସୁବ୍ରୋ ଥିଲା । ପୁଅ ବଡ଼ ହେଲା । ବପା ତାକୁ ବିବାହ ଦେବାକୁ ଇଛା କଲେ । ସେ ବୋହୂଟିଏ ଖୋଜିବାକୁ ଚାରିଆଡ଼େ ବୁଲିଲେ, ହେଲେ ପାଇଲେନି । ଶେଷରେ ପାତାଳକୁ ଗଲେ । ରାସ୍ତାରେ ସେ ଭିତର ନାଗୁଣୀକୁ ଭେଟିଲେ । ରାଜା ସବୁ କଥା କହିଲେ । ଏହା ଶୁଣି ନାଗୁଣୀ କହିଲେ, "ମୋର ଗୋଟିଏ ଝିଅ ଅଛି । ତାର ନାଆଁ ଚମ୍ପା, ଆପଣ ଚାହିଁଲେ ଆପଣଙ୍କ ପୁଅ ସହିତ ମୋ ଝିଅକୁ ବିବାହ କରାଇଦେବି ।" ରାଜା ତାଙ୍କ ଘରକୁ ଗଲେ ।

ରାଜା ଅନ୍ନା ଲତେ ହାତୁଡ୍ । ହୁଡୁକ୍ ଦିନା ପାରେକ୍ ପେକାନ୍ ଅସି ଆଦେନ୍ ସାଙ୍ଗେ ବିହାୟ୍ ହିତୁଡ୍ । ବିହାୟ୍ ପାଜା ମିୟାହାଡ଼ିନା ବିଦା ଆୟାନା ସମୟ ଆତ୍ । ନାଗିନ୍ ତାନା ତକାର୍ ତୁନ ଦାମିହଛି ହିତ୍ । ପେଗଡି ଇଦେନ ଅମ୍ । ଇଦ୍ ଜିଟ୍‌କାତେ ଲନା ହାୟ୍‌କି । ବାଟକ୍ ଦିନ୍ନା ହାତ୍ । ଆଦ୍ ଜୁନା ଆୟାନ୍ କାଜେ ଚମ୍ପା ଆଦେନ୍ ହେତେ ମନ୍ଦ୍‌ଲେ ଜରନ୍ ଧାଡିତେ ଓ୍ୱାଟ୍‌ସିତ୍ । ଆଗ୍‌ଡାହଲେ କୈଷୁର ମାଡା ତେଦ୍‌ତ । ପେଗ୍‌ଡି ଆଓ୍ୱାହାଡିନା ଇନ୍ଧାନା ପାଲ୍ଲୋଦେ ମାଡା ତାଚି ହାଇତ୍ । ଇଦାନ୍‌ତେ କୈଷୁର ହେୟାନା କାମତେ ଲାଗେମାନ୍ତା ଇଞ୍ଜିସାବୋୟ୍ ପୁତୁଡ୍ ।



କିଛି ଦିନ ପରେ ପୁଅକୁ ନେଇ ତା ସହିତ ବିବାହ ଦେଲେ । ବିବାହ ପରେ ଝିଅ ବିଦା ହେବାବେଳ ହେଲା । ନାଗୁଣୀ ତା ଲାଙ୍ଗୁଡ଼ର ଶେଷରୁ ଖଣ୍ଡିଏ କାଟି ଝିଅକୁ ଦେଇ କହିଲେ, "ଝିଅ, ଏଇଟିକୁ ନେ । ଏଥିରେ ଘର ଓଳେଇବୁ" । କିଛି ଦିନ ଗଲା । ସେଇଟି ପୁରୁଣା ହେବାକୁ ଚମ୍ପା ତାକୁ ପାଖରେ ଥିବା ଝରଣା କୂଳକୁ ଫିଙ୍ଗିଦେଲା । ସେଥିରୁ ଝାଡୁ ଗଛ ଉଠିଲା, ଝିଅଟିମା କହିବା ଅନୁସାରେ ସେ ଗଛ ଆଣି ଓଳାଇଲା । ଏପରି ଝାଡୁର ବ୍ୟବହାର ସଭିଏଁ ଜାଣିଲେ ।

# ଫେପେଲ୍ ଦିଗ୍ ଡାହଛି ସବୋୟ ବାନେମାତ୍ (ସୃଷ୍ଟି କଥା)

ଆଚାୟ୍ ଦିନାତା ପାଲ୍ଲୋ ଉଣ୍ଡିଦିନା ଶିବ ବାଗ୍ୱାନ ଆରୁ ପାର୍ବତୀ ଉଣ୍ଡିୟ୍ତେ ଉଡ଼୍ସିମାତୋଡ୍ । ଉନ୍ଟାନ୍ କୈଲାଶ ମାଟା ମାତ୍ଲ । ଆଉ ସାବୋୟତିକେ ଏର୍ ମାତାଲ୍ । ମାନେୟ୍ଲୋଡ଼୍ ମାତାଁ ବାଙ୍ଗେ ମାନୱାୟ ମାତାଁ । ଭାଗ୍ୱାନ ଶିବ୍ ଆରୁ ପାର୍ବତୀ ଚିନ୍ତା କିତୁଡ଼୍ । ମାନେୟ୍, ମାଡ଼ାକ୍ ମାନୱେକ୍ ବାଦାନ୍ ବାନାହ କିଇ୍ ଆୟାଲ୍ ? ଇଦାନେ ଚିନ୍ତା କିସି କିସି୍ ଉଡ଼୍ସି ମାତୋଡ଼୍ । ମୁନେ ବାତା ଆୟାଲ୍ ଆଦେନ୍ ପାଲ୍ଲୋ ପୁଣ୍ଡୋଲା ପରୋଡ୍ । ଉଣ୍ଡିହକା ଭାଗ୍ୱାନ୍ ଶିବନା କାୟ୍ତେ ଉନ୍ଟାନ୍ କେଁଶ୍ଟୋଟି ଆତ୍ । ଭଗୱାନ୍ ଶିବ ଇତ୍ ପାର୍ବତୀ ଇଦ୍ କେଁଶଟୋଟି ନାକ୍ ଆଛାୟ୍ ହାରିୟାନ୍ ହିନ୍ତା ଧିରେ ଧିରେ ଇଦ୍ କେଁଶଟୋଟି ହଜର୍ ଆତ୍ ।ସାବୋଲ କାୟ୍ଦୁନ୍ ଧାତ୍ । ଭଗୱାନ ଶିବ୍ ଆଦେ କାୟ୍ଦୁନ୍ ଅସି ବଗ୍ୱାନ ବିଷ୍ଣୁ ନିଗା ଶିବ୍ ହାତ୍ ।



ଅନେକ ଦିନର କଥା । ଦିନେ ଶିବ ଓ ପାର୍ବତୀ ଏକୁଟିଆ ବସିଥିଲେ । କେବଳ କୈଳାସ ପର୍ବତ ଥିଲା । ତାଛଡ଼ା ଚାରିଆଡ଼େ ପାଣି ଥିଲା । ମଣିଷ ନ ଥିଲେ ଗଛଲତା ନଥିଲା । ଭଗବାନ ଶିବ ଓ ପାର୍ବତୀ ଦୁଃଖ କଲେ । ମଣିଷ, ଗଛଲତା ନ ହେଲେ ସୃଷ୍ଟି ହେବ କେମିତି ? ଏମିତି ଭାବି ଭାବି ସେମାନେ ବସି ରହିଲେ । ଆଗକୁ କ'ଣ ହେବ ସେ କଥା ଜାଣିପାରୁନଥିଲେ । ଥରେ ଭଗବାନ ଶିବଙ୍କ ହାତରେ ଗୋଟିଏ ବଥ ହେଲା । ଶିବ କହିଲେ, "ପାର୍ବତୀ ଏ ବଥଟି ମୋତେ ବହୁତ କଷ୍ଟ ଦେଉଛି" । ଧିରେଧିରେ ଏହି ବଥଟି ବଡ଼ ହେଲା । ପୁରା ପାପୁଲିକୁ ମାଡ଼ିଗଲା । ଶିବ ସେହି ପାପୁଲିକୁ ନେଇ ଭଗବାନ ବିଷ୍ଣୁଙ୍କ ପାଖକୁ ଗଲେ, କହିଲେ, " ଏ ବଥଟି ମତେ ବହୁତ କଷ୍ଟ ଦେଉଛି । ଏହାର କିଛି ଉପାୟ କରନ୍ତୁ ।

ଆଗ୍ା ଇତକି ଇଦ୍ କେଁଶଟୋଟି ନାକୁନ୍ ଆଛାୟ୍ ପାରିଶାନ୍ କିନ୍‌ତାଲ୍ । ଇଦେନା ବାତାୟ୍ ଉପାୟ୍ କିମ୍ । ବିଷ୍ଣୁ ଭଗ୍‌ୱାନ ଇଦେନା ବାତାୟ୍ ଉପାୟ୍ କିଲା ପାରୋଡ଼୍ । ବିଷ୍ଣୁ ଭାଗ୍‌ବାନ୍ ଇତୁଡ଼୍‌କି ବ୍ରହ୍ମା ଭଗ୍‌ବାନ୍ ହଜର ଆନ୍ଧ ଆଦେ ବାତାୟ୍ ଉପାୟ କିଲ୍ଲା ପାରାନ୍ । ଶିବ, ପାର୍ବତୀ, ବିଷ୍ଣୁ ମିଶେ ମାଶି ବାର୍‌ମ୍ା ନିଗା ହାତୁଡ଼୍ । ଆଦେ ସାମାୟ୍‌ଦେ ବାର୍‌ମା ଧ୍ୟାନ୍ କିସୋକ୍ ମାତୋଡ୍ । ଏଲୋଡ଼୍ ଜୁହାର୍ କିତୁଡ଼୍ । ମାନ୍ତର ଶିବ ଭଗୱାନ୍ ଜୁହାର୍ କିଲ୍ଲା ପାରୋଡ଼୍ ଆତୁଡ଼୍ । ବାର୍‌ମା ଭଗ୍‌ବାନ୍ ଖଣ୍ଡା ତାରିସି ଏଲୋଡ୍ କୁନ୍ ହଡ଼୍‌ଶି କାବା ଆତୁଡ଼୍ ଏଡ଼୍‌ଲୋଡ଼୍‌କୁନ ମାୟାଦେ ଉପିହ୍‌ତୁଡ଼୍ । ବାର୍‌ମା ବାତା କାବର୍ ଇଞ୍ଜି ପୁଛେମାତୁଡ୍ । ଶିବ ଭଗ୍‌ବାନ୍ କାୟ୍‌ଦୁନ ଲୁକାହ୍ କିନ୍ଧୁଡ୍ । ବାରମା ପୁଛେମାତ୍ । ଏ  ଶିବ ନିମା ବାତାୟ୍ ଲୁକିହଲା ଚେଷ୍ଟା କିନ୍‌ତି । ନିୟା ପାରିସାନ୍‌ଦା କାରନ୍ ୱାହା । ଆକ୍‌ରିତେ ଶିବ୍ ଭଗ୍‌ବାନ୍ ସାବୟ୍ ପାଲ୍ଲୋ ୱାହତୁଡ୍ । ବାର୍‌ମା ମୁଣ୍ଡ ପିଡହିଦା ପାଲ୍ଲୋ ପୁଞ୍ଜି ମାତୋଡ଼୍ ।



ମାତ୍ର ବିଷ୍ଣୁ କିଛି ଉପାୟ କରିପାରିଲେନି, କହିଲେ "ବ୍ରହ୍ମା ସବୁଠାରୁ ବଡ଼, ସିଏ କିଛି କରିପାରିବେ ।"  ଶିବ, ପାର୍ବତୀ, ବିଷ୍ଣୁ ମିଶି ବ୍ରହ୍ମାଙ୍କ ପାଖକୁ ଗଲେ । ସେହି ସମୟରେ ବ୍ରହ୍ମା ଧ୍ୟାନ କରୁଥିଲେ । ଏମାନେ ଜୁହାର ହେଲେ । କିନ୍ତୁ ଶିବ ଜୁହାର ହୋଇପାରିଲେନି । ବ୍ରହ୍ମା ଆଖି ଖୋଲିଲେ ଏମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ । ଅତିଥି ମାନଙ୍କୁ ଆଦର କରି ବସାଇଲେ । କୁଶଳ ଖବର ପଚାରିଲେ । ଶିବ ହାତଟିକୁ ଲୁଚାଉଥିଲେ । ହେଲେ ବ୍ରହ୍ମା ପଚାରିଲେ, 'ହେ ଶିବ, ତୁମେ କିଛି ଲୁଚାଇବାକୁ ଚେଷ୍ଟା କରୁଛ । ତୁମ କଷ୍ଟର କାରଣ କୁହ ।' ଶେଷରେ ଶିବ ସବୁ କଥା କହିଲେ । ବ୍ରହ୍ମା ତିନିକାଳ କଥା ଜାଣିଥିଲେ । ସେ ହସି ଦେଇ କହିଲେ ।



ଆଦ୍ କୌଓ୍ବସି ଇତୁଡ୍ । ଶିବ୍ ଇଦ୍ ପାରିଶାନ୍ ନିକୁନ୍ ବାରା ଓ୍ବଡ଼ଶାଦା ସାହେ ମାୟ୍ଲା ଲାଲ୍ । ଇଦେନ୍ ପାରେକ୍ ନିକ୍ ମୁକ୍ତି ମିଡାଲ୍ । ନିୟା ଇଦ୍ ପାରିଶାନ୍ ସାଧାରଣ ଆୟୋ । ଏପେଡେ ଦୁନିଆତା ପାରିଶାନ୍ ମାନ୍ତା । ଶିବ ଇତୁଡ୍ । ଇଦ୍ କଷ୍ଟ ଏଗାରା ଅଡସା ଆତାଲା ଇଦ୍ କଷ୍ଟ ଆରୁ ସାହେ ମାଇ ପାରୋନ୍ । ବ୍ରାହ୍ମାଲ୍ ଇତୁଡ୍ । ହେ ଶିବ ବାଙ୍ଗେ ଚିନ୍ତା କେମା । ଇନ୍ କେଁ ସେ ଟୋଟି ଦାହ୍ ତଡିୟ୍ଦା ଆଧା ଭାଗତେ ଡ଼ଙ୍ଗ୍ରି ନାଲା, ସାମାଜାଗା ତିଆର୍ ଆତ୍ । ମାଡ଼ାକ୍ ବାତାବାତା କାମନା ସୁରୁ ଆତ୍ । ମାନେୟ୍ ସୃଷ୍ଟିଆତ୍ । ଉଣ୍ଡିଦିନା ଶିବ୍ ଇତ୍ "ଦେବୀ ପାର୍ବତୀ, ଇଦ୍ଦେ ସଂସାର୍ । ଇଛେକାୟ୍ ବାର୍ମା ଆରୁ ବିଷ୍ଣୁ ଆଗ୍ଗା ଓ୍ବାତୁଡ୍ । ଇଁଞ୍ଜେ ରାଣ୍ଡେସିଁ ଶିବ୍ ତୁନ ଜୁହାର ଆତୁଡ୍ । ଇତୁଡ୍ ହେ ବାଗ୍ଓ୍ବାନ୍ ବାଗ୍ଓ୍ବାନ୍ ମହାଦେବ ବାଗ୍ଓ୍ବାନ୍ ନିମ୍ମା ସୃଷ୍ଟିତା ଦେବ୍ତା ଆନ୍ଧି । ନିମା ପ୍ରଥମ୍ ସୃଷ୍ଟି କିତନ୍ ନିମ୍ମା ଓ୍ବାହା ନିୟାଁ ବାତା ସେଓ୍ବା କିକମ୍ ।

ଶିବ ଏ କଷ୍ଟ ତୁମକୁ ବାରବର୍ଷ ସହିବାକୁ ହେବ ଏହାପରେ ଏଥିରୁ ମୁକ୍ତି ମିଳିବ । ତୁମର ଏ କଷ୍ଟ ସାଧାରଣ ନୁହେଁ । ଏଥିରେ ଦୁନିଆର କଷ୍ଟ ଅଛି । ଶିବ କହିଲେ, "ଭଗବାନ, ଏହି କଷ୍ଟ ଏଗାର ବର୍ଷ ହୋଇଗଲା । ଏ ପୀଡ଼ା ଆଉ ସହିପାରୁନି ।" ବ୍ରହ୍ମା କହିଲେ, "ହେ ଶିବ, କିଛି ଭାବ ନାହିଁ । ଏ ବଥରୁ ଦୁନିଆଁ ତିଆରି ହେବ । ମଣିଷ ବାହାରିବେ । ଏମିତି ମାଟି, ଜଳ, ଆକାଶ, ଜୀବଜନ୍ତୁ,ପଶୁପକ୍ଷୀ, ଗଛଲତା ହେବେ । ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ବାହାରିବେ ।

ଏଥିରୁ ଦୁନିଆର ଜୀବ ସୃଷ୍ଟି ହେବେ ।" ଶିବ ପାର୍ବତୀ ଓ ବିଷ୍ଣୁ ନିଜ ନିଜ ସ୍ଥାନକୁ ଫେରିଗଲେ । କିଛି ଦିନ ପରେ ଶିବ କୈଳାସ ପାହାଡ଼ରେ ବସିଥିଲେ । ସେତିକିବେଳେ ତାଙ୍କୁ ବହୁ କଷ୍ଟ ହେଲା ।

**ସାବୟ୍‌ଲ ସୁଖ୍ କିୟାନା ଶିବ୍ ଇତ୍ତୁଡ୍ ଏ ପ୍ରଭୁ ନିମ୍‌ମା ସାବୟ୍‌ଲେ, ହଜର୍ ଆନ୍ଧି ନିମ୍‌ମା ସୃଷ୍ଟି କିମ୍ । ବିଷ୍ଣୁ ଆଦେନ ପାଲ୍ଲୋ କିମ ସଂସାର୍ କିୟାନା ନାୱ୍ୱା କାମ୍ । ଇଦାନେ ଇଞ୍ଜି ବିଷ୍ଣୁ ଜର୍‌ସେ କୱ୍‌ୱସିତ୍ । ହାଠାତ୍ ମେଘୱ୍ୱାତ୍, ବିଜ୍‌ଲି ଜିତ୍ । ପିର୍ ୱ୍ୱାୟାଲା ଲାଗ୍‌ଗେ ମାତା ଆଗ୍‌ଡ଼ାହ୍‌ଛିନ୍ ପୁନ୍ନା ଜୀବନ୍ ଆରମ୍ ଆତ୍ । ଶିବ ବାଗ୍‌ୱ୍ୱାନ୍ ଇତଚଡ଼ "ବାଗ୍‌ୱ୍ୱାନ୍ ଇଦ୍ ପାରିଶାନ୍ ଏଗାରା ୱ୍ୱଡ଼ିଶା ଆତ । ଏ ପାରିଶାନ ଆଉ ସହେମାୟଲା ପାରୱ୍ୱି । ବାର୍‌ମା ଇତ୍ତୁଡ୍ "ୟେ ଶିବ୍ ବାତାୟ ଚିନ୍ତା କେମା । ଇଦ୍ କେଁଶଟୋଟି ଦୁନିଆ ତିଆରି ଆୟାଲ୍ । ଶିବ ପାର୍ବତୀ ବିଷ୍ଣୁ ଆପୁନା ଆପୁନା ଜାଗାତେ ମାଲ୍ଲତୁଡ୍ ।**



ବଥଟି ଫାଟି ଗଲା । ସେଥିରେ ଜୀବଜନ୍ତୁ, କୀଟପତଙ୍ଗ ଓ ଗଛଲତା ବାହାରିଲେ । ସେମାନେ ଚାରିଆଡ଼କୁ ଖେଳିଗଲେ । ଶିବ ଯୁଆଡ଼େ ଯାଉଥିଲେ ସେଆଡ଼େ ଏସବୁ ହେଉଥିଲା । ଶେଷରେ ସୂର୍ଯ୍ୟ ବାହାରିବାରୁ ପାଣି ଧିରେ ଧିରେ କମିଗଲା । ମାଟିର କିଛି ଭାଗରେ ପାହାଡ଼ ହେଲା । ନଦୀ ବହିଲା, ସମତଳ ଜାଗା ତିଆରି ହେଲା । ଗଛଲତା ବଢ଼ିବାକୁ ଲାଗିଲେ । ମଣିଷ ସୃଷ୍ଟି ହେଲେ । ଦିନେ ଶିବ କହିଲେ, "ଦେବୀ ପାର୍ବତୀ, ଏଇଟା ଦୁନିଆଁ ।" ଏତିକିବେଳେ ବ୍ରହ୍ମା ଓ ବିଷ୍ଣୁ ସେଠି ପହଂଚିଲେ ।

ବାଛ୍‌କତେ ଦିନା ପାରେକ୍ ଶିବ୍ କୈଲାସ୍ ଡଙ୍ଗ୍‌ରିତେ ଉଡ଼୍‌ସି ମାତୋଡ଼୍ । ଆଛେକାୟ୍ ୱ୍ୱୋନ୍ ଆରୟ୍ ପାରିଶାନ୍ ଆତ୍ । କେଁଶଟୋଟି ଫିର୍‌ତ୍ । ଆଗ୍ ଡାହ୍‌ଛିନ୍ ଜୀବ୍‌ଜନ୍ତୁ, କିଡ଼ାମକଡା ଆରୁ ମାଡାକ୍ ପାଦ୍‌ଲାଁ ପାସିୟତୁଁ । ଆଓ୍ୱ ସାବୟ୍ ତିକେ ଖେଳେ ମାତୁଁ । ଶିବ୍ ବାକେୟ୍ ହାତେକ୍ ଗାଲ୍ଲା ଇୟୁହାକେ ହାନ୍ଧୁ । ସାବ୍‌ଷାଲ ଲାଷ୍ଟତେ ମାନେୟ୍ ଫାସିୟ୍‌ତ୍ । ଇଦାନେ, ତଳି, ଏର୍, ପାର୍‌ରୋ ଜୀବଜନ୍ତୁ, ଫିଙ୍ଗେ, ଲିଟି, ମାଡାକ୍‌ତେ ବାର୍‌ପୁର୍ ଆଡ଼୍ । ଦିନ୍‌ତେ ବେର ଆଉ ବୁଲପେ ଚାନ୍ଦା ପାସିୟ୍‌ତ । ବେର୍ / ପଡ଼୍‌ଦ୍ ପାସିୟାନ୍ ହୁଡ଼୍‌ସି ଏର୍ ଆସ୍ତେ ଆସ୍ତୋ କାମ୍‌ମେମାତ୍ ।



ଦୁଇଜଣ ଶିବଙ୍କୁ ଜୁହାର ହେଲେ । କହିଲେ, "ହେ ଦେବ ଦେବ ମହାଦେବ ଆପଣ ସୃଷ୍ଟିର ଦେବତା । ଆପଣ ପ୍ରଥମେ ସୃଷ୍ଟି କଲେ ଆପଣ କହନ୍ତୁ ଆପଣଙ୍କର ସଭିଙ୍କ ମଙ୍ଗଳ କରୁଥିବା ଶିବ କହିଲେ; "ହେ ପ୍ରଭୁ ଆପଣ ସବୁଠାରୁ ବଡ଼, ଆପଣ ସୃଷ୍ଟି ତିଆରି କରନ୍ତୁ । ବିଷ୍ଣୁ ପାଳନ କରନ୍ତୁ । ସଂହାର କରିବା ମୋର କାମ ।" ଏହା କହି ଭଗବାନ ଶିବ ଜୋରରେ ହସିଲେ । ହଠାତ୍ ମେଘ ଆସିଲା, ବିଜୁଳି ମାରିଲା । ବର୍ଷା ହେବାକୁ ଲାଗିଲା ସେଇଠୁ ନୂଆ ଜୀବନ ଆରମ୍ଭ ହେଲା ।

# ସାମ୍‌ଦୁର ଆଉର୍ ହାସା
# (ସମୁଦ୍ର ଓ ହଂସ)

ଉନ୍‌ଟାନ୍ ବାରୁଣୀ ସାମ୍‌ଦୁର ଦାଡିତେ ହାସା ମାନ୍ଧୁଁ । ଆଓ୍ୱ ରଣ୍ଡସି ସାଙ୍ଗ୍‌ଆରି ମାନ୍ଧୁଁ । ଇଉ ରଂଟାନ୍ କୁଦ ପାଲ ଇର୍‌ନ୍ଧୁ । ବାସ୍‌କେୟ ଆଲଗା ମାନ୍ନୋଁ । ଉଣ୍ଡିଦିନା ଜାଗ୍‌ଡା ଆତୁଁ । ଆଦ୍ ବାତାଏ ପାଲ୍ଲୋହିଲେ ଇଦ୍ ପାଲ ହଜର ଗାଲା ଆୟ । ସାମ୍‌ଦୁର ଇନ୍ତା କି ନାନ୍ନା ହଜର ହାସା ଇନ୍ତାଲ୍ ନାନ୍ନା ହଜର । ରଣ୍ଡ୍‌ସିନା ଜାଗ୍‌ଡା ବଡେ ମାନ୍ତା । ଆଦେନ କାଜେ ହାସା କାମ୍‌ନା ଲାପା ହାଜିଂତ୍ । ଆଗା ନାନ୍ଧୀ ବହେ ମାନ୍ତା ଆଦେନା ଏର୍‌ତେ ମାତା । ଉନ୍‌ଟାନ୍ ପାଲ ଆଗ୍‌ଡାହଛିନ୍ ନାଲୁଙ୍ଗ୍ ହାଇଙ୍ଗ୍‌ବାର ପାସିତ୍ । ଅରଡ୍ ଇତୁଡ,  ହୁଡାଟ୍ ଇଦ ସାମ୍‌ଦୁର ଆନ୍ଧ୍ । ଅରଡ ଇତୁଡ୍ ଇଦ୍ ସମ୍‌ଦୁର ଆୟ ସମ୍‌ଦୁର ଦାଡିତେ ହାସା ମାନ୍ତା । ଇଦ୍ ଦାଡିତେ ହାସା ମାନ୍ନୋଁ ।

ଗୋଟିଏ ବାରୁଣୀ ସାଗର କୂଳରେ ହଂସ ରହୁଥିଲେ । ସେମାନେ ବଂଧୁ ଥିଲେ । ଦୁହେଁ ଦୁହିଁଙ୍କୁ ଆଦର କରୁଥିଲେ । କେବେ ଅଲଗା ରହୁନଥିଲେ । ଥରେ କଳି ହେଲା । ସେମିତି କିଛି କଥା ନଥିଲା । କଥାଟା ବଡ଼ ବି ନ ଥିଲା । ସମୁଦ୍ର କହୁଥିଲା, ମୁଁ ବଡ, ହଂସ କହୁଥିଲା ଆମେ ବଡ଼ । ଦୁହିଁଙ୍କ କଳି ବଢ଼ିଗଲା । ତେଣୁ ହଂସ ପାଖ ଜଙ୍ଗଲକୁ ଚାଲିଗଲେ । ସେଠାରେ ନଦୀଟିଏ ବହୁଥିଲା ତା କୂଳରେ ସେମାନେ ରହିଲେ । ଥରକ କଥା, ସେଠାରୁ ଚାରି ପଂଚ ବାହାରିଲେ । ଜଣେ କହିଲା, ‘ଦେଖ, ଇଏ ସମୁଦ୍ର ଅଟେ ।’ ଅନ୍ୟ ଜଣେ କହିଲା, ଏଇ ସମୁଦ୍ର ନୁହେଁ, ସମୁଦ୍ରର କୂଳରେ ହଂସ ରହନ୍ତି । ଏହା କୂଳରେ ହଂସ ନାହାନ୍ତି । ସମୁଦ୍ର ପଂଚଙ୍କ କଥା ଶୁଣିଲେ । ମନ ଦୁଃଖ କଲେ । କହିଲେ, ‘ହେ ପଂଚ ମୁଁ ସମୁଦ୍ର ଅଟେ ।





ସାମ୍ଦୁର ପାତଂଦା ପାଲ କେଜଁତୁଡ ମାନଦୁଃଖ କୁତୁଡ । ଇତୁଡ ହେ ପଚଂ ଅନାନ୍ନା ସାମଦୁର ଆନ୍ଧା । ହାସା ଇଗା ମାନ୍ତାଲ୍ ନାଓ୍ୱା ସାଙ୍ଗେ ଜାଗ୍ଡା ଆତା ପାଲ୍ଲୋ ବାତା ଆୟୋ । ଆଦ୍ ହଜରକି ନାନ୍ନା ହଜର ? ଇଦେନା ପାରେକ୍ ଆଓ୍ୱ ହାତୁଁ ନିମାଟ୍ ପେନକ୍ ବୁନା, ମାଓ୍ୱା ଲାପାଡେ ମିଲା ମିଶି କିସିମ୍ଟ୍ । ପଚଂ ଅନ୍ ଇତ୍ ମାମୋ ନିଓ୍ୱା କାଜେ ବାଙ୍ଗେଗାଲ । ବାନାହ୍ କିକମ୍ ଇଦାନେ ଇଜିଂ ଆଓ୍ୱ ହାତୁଁ । ହାଜଂକ୍ ହାଜଂକ୍ ଆଦେ ସମ୍ଦୁର ଥିଗା ଆଓ୍ୱତୁଁ । ହାସା ରାନ୍ଟାନ୍ ଆଗା ମାନ୍ଧୁଁ । ଆଓ୍ୱେନ୍ ହୁଡସି ପଞ୍ଚ ଇତୁଡ୍ ହୁଡାଟ୍ ଇଓ୍ୱେବେହ୍ନେକ୍ ହାସାଁ । ଆଉ ଅରଡ୍ ଇତୁଡ୍ । ଆୟୋ ଇଉ ହାସାଁ ଆୟୋଁ । ଲାଗ୍ଲାତାଁ କୋକ୍ଡାଲିଁ ।

ହଂସ ଏଠାରେ ଥିଲେ । ମୋ ସହିତ କଳି ହେଲା । କଥାଟି କିଛି ନୁହେଁ । ସିଏ ବଡ଼ କି ମୁଁ ବଡ଼ ? ଏହା ପରେ ସେମାନେ ଚାଲିଗଲେ । ଆପଣମାନେ ଦେବତା ପରି, ଆମ ଭିତରେ ମିଳାମିଶା କରିଦିଅନ୍ତୁ । ପଂଚ ତାକୁ କହିଲେ, "ଆମେ ତୁମ ପାଇଁ ଯାହା ହେଲେ କରିବୁ ।" ଏହା କହି ସେମାନେ ଚାଲିଗଲେ । ଯାଉ ଯାଉ ସେହି ନଈ ପାଖରେ ପହଂଚିଲେ । ହଂସ ଦୁଇଟି ସେଠାରେ ରହୁଥିଲେ । ତାଙ୍କୁ ଦେଖି ଜଣେ ପଂଚ କହିଲେ, "ଦେଖ ଏମାନେ ବୋଧେ ହଂସ ।" ଆଉ ଜଣେ କହିଲା, "ନା ଏମାନେ ହଂସ ନୁହନ୍ତି । ବୋଧହୁଏ ବଗ, ଏମାନେ ହଂସ ହୋଇଥିଲେ ସମୁଦ୍ର କୂଳରେ ଥାଆନ୍ତେ ।"

ଇଉ ହାସାଁ ଆତେକିଁ ସାମ୍‌ଦୁରତେ ମାନ୍‌ଓ୍ୱା । ହାସା ଅଡା ପଲ୍ଲୋ କେଞ୍ଜସି ମାନ୍‌ଦୁଃଖ କିତୁଁ । ଆଓ୍ୱ ପଞ୍ଚ ନିଗା ହାତୁଁ । ଇତୁଁ ମାମୋ ହାସା ଆନ୍ଦମ । ମାମୋ ସାମ୍‌ଦୁର ଦାଡିତେ ମାନ୍ତମା । ଆଦେନା ସାଙ୍ଗେ ଜାଗ୍‌ଡା ଆତୁଁ । ମମୋ ଇଗା ପେରେ ଓ୍ୱାତ୍‌ମ୍ । ନିମା ମାଓ୍ୱା ଲାପାଡେ ମିଲା ମିଶି । କିସମ୍‌ଟ୍ । ପଂଚମାନେଏ ଅଲୋଡକୁନ୍ ଅଶ୍ୱାସନା ହିତୁଡ । ଆଓ୍ୱେନ୍ ଅସି ସମ୍‌ଦୁର ଦାଡିତେ ହାତୁଡ୍ । ଇତୁଡ ସାମଦୁର ତା ସୁନ୍ଦର ହାସାଁ ଆନ୍ଧୁ । ହାସା ସାମଦୁର୍‌ତେ ମାତେକ୍‌କିଁ ଆଛା ସୁନ୍ଦର ଲଗ୍‌ଲତାଁ ଇଦ୍ ପାଲ୍ଲୋ ଓ୍ୱାହଛି ପଂଚଲୋଡ ମୁନେ ହାତୁଡ । ବଡ୍ ରଣ୍ଡ୍‌ସିନ୍ନା ଜାଗ୍‌ଡା ସାମାଧାନ୍ କିୟାନ୍ ଅଡେ ଆନ୍ଧୁଡ ପଂଚ ।



ହଂସ ସେମାନଙ୍କ କଥା ଶୁଣି ଦୁଃଖ କଲେ । ସେମାନେ ପଂଚଙ୍କ ପାଖକୁ ଗଲେ । କହିଲେ, "ଆମେ ହଂସ, ଆମେ ସମୁଦ୍ର କୂଳରେ ରହୁଥିଲୁ । ତା ସହିତ କଳି ହେଲା, ଆମେ ଏଠାକୁ ଚାଲିଆସିଲୁ । ଆପଣ ଆମ ଭିତରେ ମିଳାମିଶା କରାଇ ଦିଅନ୍ତୁ ।" ପଂଚମାନେ ତାଙ୍କୁ ଆଶ୍ୱାସନା ଦେଲେ । ତାଙ୍କୁ ନେଇ ସମୁଦ୍ର ପାଖକୁ ଗଲେ । କହିଲେ, "ସାଗରର ଶୋଭା ହଂସ ଅଟେ । ହଂସ ସାଗର କୂଳରେ ରହିଲେ ଭଲ ଲାଗେ ।" ଏ କଥା ବୁଝାଇ ପଂଚ ମାନେ ଆଗକୁ ଚାଲିଲେ । ଯିଏ ଦୁଇଜଣଙ୍କ କଳିର ସମାଧାନ କରିଦିଏ ସିଏ ଠିକ୍ ପଂଚ ଅଟେ ।

# କାଲ୍‌ଲି ଯୁଗତା ପାଲ୍‌ଲୋ
# (କଳି ଯୁଗର କଥା)

ପୁର୍‌ନା ଯୁଗତା ପାଲ୍ଲୋ । ଓ୍ୱରଡ଼୍ ରାଜା ମାନ୍ଧ୍‌ଲେ । ଓ୍ୱୋନା ରାଜ୍‌ତେ ବଡ଼୍‌ଡେ କାର୍‌ନେଏ ମାନ୍‌ଓ୍ୱାୟ୍ ମାତଡ଼୍ । ଉଣ୍ଡିବାର୍ ଓ୍ୱରଡ଼୍ ବାବାଜୀ ଓ୍ୱାତୁଡ଼୍ । ଓ୍ୱଡ଼୍ ରାଜଧାନୀତା ବାହାର୍‌ତେ ମାନ୍ଧ୍‌ଲେଡ଼୍ । ଇଦ୍ ପାଲ୍ଲୋ ରାଜା ପୁତୁଡ଼୍ । ଓ୍ୱରୋଡ଼୍ ଋକ୍‌ରି କେଓ୍ୱାଲ୍‌ତୁନ ଇତୁଡ଼୍ ନିମ୍‌ମା ହାନ୍ ବାବାଜୀନ୍ ପାୟସି ଓ୍ୱାୟକି । ରାଜାନା ପାଲୋତେ ଋକ୍‌ରଲୋଡ ହାତୁଡ଼୍ । ଓ୍ୱଡ଼୍ ହାରିତେ କାବା ଆୟାନା ଲାଇକ୍‌ତା ପାଲ୍ଲୋ ହୁଡ଼୍‌ତୁଡ଼୍ । ଉଂଟାନ୍ ଭଇଁଷି ମେଥି କିଆରିତେ ମାୟ୍‌ସକ୍‌ମାତାଲ୍ । ଆଦ କିଆରିତେ ମେଥି ମାଡକି ଭଇଁଷି ଶାନ୍ତ ଆୟ । କାମ୍‌ୟାଲ ଚିନ୍ତା କିଶି ହୁଡ଼୍‌ତୁଡ଼୍ ଇଦ୍ ବାଦାନ୍ ଦୁନିଆ ଇଦାନେ ଚମକ୍ୱାର ପାଲ୍ଲୋ ଡିସ୍‌ଲାତା । ଓ୍ୱଡ଼୍ ବାବାଜୀ ନିଗା ପହଁଛେ ମାତୁଡ଼୍ । ଇତୁଡ଼୍ "ବାବାଜୀ ମାହରାଜ୍ ନିକୁନ୍ ରାଜାଲ୍ କେୟତଡ଼୍ ନିଓ୍ୱା ସେଓ୍ୱା କିୟନ୍‌କା ରାଜାଲ୍ ଋହେକିନ୍ତଡ୍ । ବାବାଜୀ ଇତୁଡ୍ "ଯେ ପିଲା; ହାରିଦେ ବାତାୟ୍ ଆଶ୍ଚର୍ଯ୍ୟ ହୁଡତି କି ?

ପୁରୁଣା ଯୁଗର କଥା । ଜଣେ ରାଜା ଥିଲେ । ତାଙ୍କ ରାଜ୍ୟରେ କେହି ଭୋକିଲା ରହୁ ନଥିଲେ । ଥରେ ଜଣେ ସାଧୁ ଆସିଲେ । ସେ ରାଜଧାନୀ ବାହାରେ ଥିଲେ । ଏ କଥା ରାଜା ଜାଣିଲେ । ଜଣେ ଋକରକୁ କହିଲେ, 'ଯାଅ,ସାଧୁଙ୍କୁ ନେଇଆସ ।" ରାଜାଙ୍କ ଆଦେଶରେ ଋକର ଗଲା । ସେ ବାଟରେ ଗୋଟିଏ ଆଶ୍ଚର୍ଯ୍ୟ କଥା ଦେଖିଲା । ଗୋଟିଏ ମଇଁଷି ମେଥି କିଆରୀରେ ଚରୁଥିଲା । ସେ କିଆରୀରୁ ମେଥି ସରୁ ନଥିଲା ମଇଁଷି ଶାନ୍ତି ହେଉ ନଥିଲା । ଋକର ଭାବିଲା, ଏ କେମିତି ଦୁନିଆଁ ଏମିତି ଚମକ୍ୱାର କଥା ଦେଖାଯାଉଛି । ସେ ସାଧୁଙ୍କ ପାଖରେ ପଂହଚିଲା । କହିଲା, "ସାଧୁ ମହାରାଜ ଆପଣଙ୍କୁ ରାଜା ଡକାଇଛନ୍ତି, ଆପଣଙ୍କ ସେବା କରିବାକୁ ଋହାଁନ୍ତି । ସାଧୁ କହିଲେ, "ହେ ପୁଅ, ରାସ୍ତାରେ କିଛି ଆଶ୍ଚର୍ଯ୍ୟ ଦେଖିଲ କି ?"



କାମ୍ୟାଲ୍ ଇଙ୍ଗୋ ଇତୁଡ୍ । ବାବାଜୀ ଇତୁଡ଼ ନିମ୍ମା ଆଦ୍ ପାଲ୍ଲୋତା ଅର୍ଥ ୱାହ୍ଛିମ୍ । ନାନ୍ନା ନିୱାସୁଦ୍ଧା ୱାୟ୍କା । ହୁଡ୍ଲେ ପଲୋତୁନ୍ କାମ୍ୟାଲ ଚିନ୍ତା କିତୁଡ୍ । ବାତା ଇନ୍ଧାନ୍ ଠିକ୍ କିଲା ପାରୋଡ୍ । ୱିନା ଡେରି ଆୟାନା ହୁଡ୍ଶି ରାଜାଲ ଆଉଡ ୱିରଡ୍ କାମ୍ୟାଲ୍ ତୁନ୍ ରହତୁଡ୍ । ୱିଡ଼ ହାରିତେ ଆଶ୍ଚାର୍ଯ୍ୟ ପାଲ୍ଲୋ ହୁଡ଼ଶି ମାତୋଡ୍ । ଉନ୍ଟାନ୍ ଟାଲି ମାୟସକ୍ ମାତାଲ୍ । ତାନା ହେଡ୍ଡେ ପାୟା ମାନ୍ଧଲେ । ଆଦ୍ ପାୟା ପାଲ୍ ଉଞ୍ଜୀକ୍ ମାତାଲ୍ । କାମ୍ୟାଲ୍ ଇଦେନ ହୁଡ଼ଶି ମାତ୍ତୋଡ୍ । ରାଜା ୱିରେତାମାଡେ ବାବାଜୀନ ହେଡ୍ଡେ ପହଂଚେ ମାତୁଡ୍ । ବାବାଜୀନ ବାୟ ଇତୁଡ୍ । ବାବାଜୀ ଇତୁଡ୍ ବାତାୟ ହୁଡ଼ତନ ତେନା ଅର୍ଥ ୱିହା । ନାନ୍ନା ନିୟାସୁଦା ହାନ୍ଧ୍କାନ । ୱିଡ଼ କମ୍ୟାଲ୍ ବାତାୟ୍ ଇନ୍ଧ୍ଲା ପାରୋଡ଼ । ରାଜା ଆଉ ୱିରୋଡ଼ି କମ୍ୟାଲ୍ ରହ୍ଲେଡ୍ ୱିଡ୍ ହାରି ଦାହ୍ଛି ୱାତୁଡ୍ ।

ଚାକରଟି ହଁ ବୋଲି କହିଲା । ସାଧୁ କହିଲେ, "ତୁ ସେ କଥାର ଅର୍ଥ କହିଦେ, ମୁଁ ତୋ ସହିତ ଯିବି ।" ଦେଖିଥିବା କଥାକୁ ଚାକର ଭାବିଲା । କ'ଣ କହିବ ଠିକ୍ କରିପାରିଲାନି । ତାର ଡେରି ହେବା ଦେଖି ରାଜା ଆଉ ଜଣେ ଚାକର ପଠାଇଲେ । ସେ ବାଟରେ ଆଶ୍ଚର୍ଯ୍ୟ କଥା ଦେଖିଲା । ଗୋଟିଏ ଗାଈ ଚରୁଥିଲା । ତା ପାଖରେ ବାଛୁରୀ ଥିଲା । ସେ ବାଛୁରୀଠୁ କ୍ଷୀର ପିଉଥିଲା । ଚାକରଟି ଏ କଥା ଦେଖିଲା । ହେଲେ ରାଜାଙ୍କ ଡରରେ ସାଧୁଙ୍କ ପାଖରେ ପହଂଚିଲା । ସାଧୁଙ୍କୁ ଯିବାକୁ କହିଲା । ସାଧୁ କହିଲେ, "ଯାହା ଦେଖିଲୁ ତାର ଅର୍ଥ କହ । ମୁଁ ତୋ ସହିତ ଯିବି ।" ସେ ଚାକର କିଛି କହିପାରିଲାନି ।



**ଉନ୍‌ଟାନ୍ ଡାବଡି ହୁଡ଼୍‌ତୁଡ଼୍ । ଓ୍ୱନା ନାଲୁଙ୍ଗ କନ୍‌ହାଦେ  ନାଲୁଙ୍ଗ୍‌ଟିନ୍ ମାଲ୍‌ଲା ମାନନ୍ଧୁ । ନଓ୍ୱଡେତେ ଉନ୍‌ଟାନ୍ ମାଲ୍‌ଲା ମାନନ୍ଧୁ । ନଓ୍ୱଡେତେ ଉନ୍‌ଟାନ୍ ମଲ୍ଲା । ନଓ୍ୱଡେତେ ମାଲ୍ଲା ଜେଲାଡ଼୍‌ତେ ଭାସେ ମାସକ୍ ମାଲ୍‌ଲା ହେଡ଼େ ହାନ୍ଧ୍ । ତେବ୍‌ଲେ ଓ୍ୱନା ହେଡ଼େ ଓ୍ୱାୟ । ଆଦ୍ ବାବାଜୀ ତିକେ ହାତ୍ । ଓ୍ୱନ୍ ବାବାଜୀ ଆଦ୍ ପାଲ୍ଲୋ ପୁଚେ ମାତୁଡ଼୍ । ଓ୍ୱଡ଼୍ ବାତାୟ୍ ଇନ୍ଧଲା ପାରୋଡ଼୍ । ରାଜାଲ୍ ଆଉ କମ୍‌ୟାଲ୍‌ତୁନ୍ ରହ୍‌ତୁଡ଼୍ । ଓ୍ୱଡ଼୍ ହାଞ୍ଜୀକ ହାଞ୍ଜୀକ୍ ହଲେମୟ୍‌ଲେ ହଜର୍ କାଲ୍ଲୁ ହୁଡ଼୍‌ତୁଡ । ହୁଡ଼୍‌ଲା କାଲ୍ଲୁ ଦଡିତାହ୍ ପାର୍‌ରୋ ହାନ୍‌ତାଲ୍ ।  ବାବାଜୀ  ଓ୍ୱନ୍ ଇଦେନା ଅର୍ଥ ପୁଚେମାତୁଡ଼୍  । ଓ୍ୱଡ଼୍ ବାତାୟ୍ ଓ୍ୱାହିଲା ପାରୋଡ଼୍ ।  ଆଖରିତେ ରାଜାଲ୍ ହାତୁଡ୍ । ଓ୍ୱଡ଼୍ ହାରିଦେ ନାଲୁଙ୍ଗଟାନ୍ ହୁଡସି ଢାଙ୍ଗ୍ ଆୟାନା ପାଲ୍ଲୋ ହୁତତୁଡ୍ । ରାଜାନ୍ ବାବାଜୀ ତାନା ଅର୍ଥ ପୁତେ ମାତୁଡ୍ ।**



ରାଜା ଆଉ ଜଣେ ଚାକର ପଠାଇଲେ ସେ ରାସ୍ତାରେ ଆସିଲା । ଗୋଟିଏ ଛୋଟ ପୋଖରୀ ଦେଖିଲା ।  ତା ଚାରିକୋଣରେ ଚାରୋଟି ମାଠିଆ ଥିଲା । ମଝିରେ ଗୋଟିଏ ଥିଲା । ମଝି ମାଠିଆଟି ଭାସି ଆସି ଅନ୍ୟ ମାଠିଆ ପାଖକୁ ଯାଉଥିଲା । ହେଲେ କେହି ତା ପାଖକୁ ଆସୁ ନଥିଲେ । ସେ ସାଧୁଙ୍କ ନିକଟକୁ ଗଲା । ତାକୁ ସାଧୁ ସେ କଥା ପଚାରିଲେ । ସେ କିଛି କହିପାରିଲାନି । ରାଜା ଆଉ ଜଣେ ଚାକରକୁ ପଠାଇଲେ । ସେ ବାଟରେ ଚାଲୁ ଚାଲୁ ହଲୁଥିବା ବଡ଼ ପଥର ଦେଖିଲା । ଛୋଟ ପଥରଟିଏ ତଳୁ ଉପରକୁ ଯାଉଥିଲା । ସାଧୁ ତାକୁ ଏ କଥା ଅର୍ଥ ପଚାରିଲେ । ସେ କିଛି କହିପାରିଲାନି । ଶେଷକୁ ରାଜା ଗଲେ । ସେ ଚାରୋଟି ଆଶ୍ଚର୍ଯ୍ୟ କଥା ବାଟରେ ଦେଖିଲେ । ରାଜାଙ୍କୁ ସାଧୁ ତାହା ଅର୍ଥ ପଚାରିଲେ ।

ରାଜାଲ୍ ଇତୁଡ୍ "ବାବାଜୀ ମାହରାଜ କୁସ୍‌ରି ଓ୍ୱାଡି଼ ମାହାଜାନ୍‌ତା ଲାଗାବୁନା, ଲାଗାତା ସୁଧ୍ ବିଲ୍‌କୁଲ୍ ଶେଷ୍ ଆୟୋ । ସୁଧ୍ ଆଦାନେ ଚାଲ୍ଲେ ମାସିମାନ୍‌ତା । ଆଉ ଉନ୍‌ଟାନ୍ ପାଲ୍ଲୋତା ଅର୍ଥ-ମାନେୟ୍ ଲୋଡ୍ ଆଫୁନା ପେଗଡିତୁନ୍ ମମ୍‌ଲାତୋଡ୍ ଓ୍ୱଡଟାଲି ବୁନା ଆଫୁନାୟ ପାୟାତା ପାଲ ଉନ୍‌ଟଡ଼୍ । ମୁଣ୍ଡ ନାମରତା ପଲୋ ଆନ୍ଧ୍ ନାଲୁଙ୍ଗ ଫେକ୍‌ଡନା ବୁବାନା । ପାଲ୍ଲୋ । ଇଗା ଇତୁଡ୍ ନାଲୁଙ୍ଗ୍ ଦିଗ୍‌ଡେ ମାନ୍ଧଲେ ମଲ୍ଲାବୁନା ଓ୍ୱଡଲୋଡ ଓ୍ୱଡା ବୁବାନା ହେଡେ ଓ୍ୱାୟୋଡ୍ । ନାଲୁଙ୍ଗ୍ ନାମର୍ ପାଲ୍ଲୋତା ଅର୍ଥ ଇଦ୍ ଯୁଗତା ହଜର ମାନେୟ ଦଡିତେ ଓାୟାନ୍ । ହୁଡୁର୍ ପାର୍‌ରୋଦେ ହାନ୍ଧାନ୍ । ନାଓ୍ୱା ବାବୁନା ରାଜାଲ ମାନ୍‌ନୋଡ୍ । ବାବାଜୀଖୁସ୍ ଆସିତୁଡ୍ । ଇତୁଡ୍, ୟେ ରାଜା, ନିମ୍‌ମା ଆଛା ଇତୋନ୍ ନାନ୍ନା କାଲି ଯୁଗତୁନ୍ ନାଓ୍ୱା ଛାଇଁ ଟାଣ୍ଡେ କିସି ଦାନ୍ ତୋନା ।



ରାଜା କହିଲେ, "ସାଧୁ ମହାରାଜ, ମେଥି କିଆରି ମହାଜନର ଋଣ ପରି, ଋଣର ସୁଧ ଶେଷ ହୁଏନି । ସୁଧ ସେମିତି ଚାଲିଥାଏ । ଦ୍ୱିତୀୟ କଥାଟିର ଅର୍ଥ – "ମଣିଷ ନିଜ ଝିଅକୁ ବିକୁଛି, ସେ ଗାଈ ପରି ନିଜ ବାଛୁରୀର କ୍ଷୀର ପିଉଛି ।" ତୃତୀୟ କଥାଟି ହେଲା – ଚାରି ପୁଅର ବାପା କଥା କୁହାଯାଇଛି । ଚାରି ଦିଗରେ ଥିବା ମାଠିଆ ପରି ସେମାନେ ବାପା ପାଖକୁ ଆସୁନାହାନ୍ତି । ଚତୁର୍ଥ କଥାର ଅର୍ଥ ଏ ଯୁଗରେ ବଡ଼ ଲୋକ ତଳକୁ ଆସିବେ । ଛୋଟ ଉପରକୁ ଯିବେ । ମୋ ପରି ରାଜା ରହିବେନି । ସାଧୁ ଖୁସି ହେଲେ । କହିଲେ, "ହେ ରାଜା, ତୁମେ ଠିକ୍ କହିଛ । ମୁଁ କଳିଯୁଗ । ନିଜର ଛାଇ ଛାଡ଼ି ଯାଉଛି ।

# ତିନ୍ଦାନା ସୁରୁ ଆତ୍ ବାଦାନ (ଖାଇବା ଆରମ୍ଭ କଥା)

ମାନେଏ, ଜୀବଜନ୍ତୁ, ପିଟେ ଯାତ ଆତୁଁ । ଭଗବାନ ସାବୟ୍ କାଜେ ତିନ୍ଦାନା ପାଲ୍ଲୋ ଚିନ୍ତା କିତୁଡ଼ । ବଡ଼ ବାଚେକା ତିନ୍ଦାନୁଡ଼ । ବାଚ୍‌କ୍ ଗାଓ ତିନ୍ଦାନୁଡ଼୍, ବାଁକୁନ୍ ତିନ୍ଦାନୁଡ଼୍ । ତାବ୍‌ଲେ ଗଲା ମାନେଏ କାଜେ ବାଙ୍ଗେ ଚିନ୍ତା କେଂୱ୍ୱାୟ୍ ମାତଡ଼୍ । ଉଣ୍ଡିଦିନା ଭଗବାନ୍ ସିୟାର୍‌ଦୁନ୍ କେୟ୍‌ତୁଡ଼୍ ସିୟାର୍ ୱ୍ୱାସି ୱ୍ୱନା କାଲ୍‌କ୍ କୁନ୍ ଇଟ୍‌ତୁଡ଼୍ । ସିୟାର୍ ପୁଚେମୋତୁଡ଼୍, ହେ ପ୍ରଭୁ ନାକୁନ୍ ଆଦେଶ ହିମ୍ । ନାନା ବାଁ ଖୃକା । ଭଗବାନ୍ ଇତୁଡ଼୍ ନିମା ଧାରତୀ ତିଗା ହାନ୍, ଆଗା ମାନ୍ଦ୍‌ଲେଡ଼୍ ମାନେଏ କୁନ୍ ୱ୍ୱାହା । ଓଲୋଡ଼୍ ରାଣ୍ଡଗାଅଁ ନାହାଇ କିୟାନୁଡ଼୍ ଆଉର୍ ଉଣ୍ଡିଗାଁଅ ତିନ୍ଦାନୁଡ଼୍ । ଭଗବାନ ଇଦେ ପାଲ୍ଲୋଦୁନ ମୁଣ୍ଡଗାଅଁ ୱ୍ୱେହତୁଡ଼୍ । ମାନ୍‌ଦେ ମାନ୍ଦାନ୍ ବୁନା ୱ୍ୱାୱ୍ୱାତୁଡ଼୍ । ଆଦେନା ପାରେକ ସିୟାର ଆଦେ ପାଲ୍ଲାଦୁନ୍ ଭଗବାନ୍ ନା ହେଡ଼େ ୱ୍ୱାୱ୍ୱାତୁଡ଼୍ । ତାନା ପାରେଖ୍ ଧାରତୀତେ ୱ୍ୱାତୁଡ଼୍ ।



ମଣିଷ, ଜୀବଜନ୍ତୁ ପକ୍ଷୀମାନେ ସୃଷ୍ଟି ହେଲେ । ଭଗବାନ ସଭିଙ୍କ ଖାଇବା କଥା ଠିକ୍ କଲେ । କିଏ କେତେବେଳେ ଖାଇବ । କେତେ ଥର ଖାଇବ, କଣ ଖାଇବ ? ହେଲେ ମଣିଷଙ୍କର ପାଇଁ କିଛି କରି ନଥିଲେ । ଦିନେ ସେ ଶିଆଳକୁ ଡାକିଲେ । ଶିଆଳ ଆସି ତାଙ୍କ ପାଦ ଛୁଇଁଲା । ପଚାରିଲା, "ହେ ପ୍ରଭୁ ମତେ ଆଦେଶ ଦିଅ ।" ମୁଁ କଣ କରିବି । ଭଗବାନ କହିଲେ, "ତୁମେ ପୃଥିବୀକୁ ଯାଅ, ସେଠାରେ ଥିବା ମନୁଷ୍ୟଙ୍କୁ କୁହ । ସେମାନେ ଦୁଇଥର ଗାଧୋଇବେ ଓ ଥରେ ଖାଇବେ ।" ଭଗବାନ ଏକଥାକୁ ତିନିଥର କହିଲେ । ମନେ ରହିବା ପରି ବୁଝାଇଲେ । ଶିଆଳ ସେ କଥା ଭଗବାନଙ୍କ ପାଖରେ କହିଲା । ତା ପରେ ପୃଥିବୀକୁ ଆସିଲା । ପୃଥିବୀକୁ ପହଂଚିବା ସାତ ଦିନ ଲାଗିଲା, ଶେଷ ଦିନ ପତଙ୍ଗ ମାନଙ୍କ କୋଳାହଳରେ ସବୁ ଭୁଲିଗଲା ।

ଧାରତୀ ତିଗା ଓ୍ୱାୟାନା ସାତିଦିନା ପାୟାତ୍ । ପାରେଖ, ଦିନା ପୁଡୁକ୍ ନା ଗିର୍ ସାନଦେ ସାବୟ ପାଲୋକୁନ ମାରେଙ୍ଗତୁଡ଼୍ । ଓ୍ୱଡ଼ ଅରିୟତୁଡ଼୍ । ଭାଗବାନ୍ ତିଗ୍‌ଡ଼ା ହଲିନ ବାତା ଖବର ତାଛିମାତଡ଼୍ ? ମାନେଏ କୁନ ବାତା ଓ୍ୱାହାନ୍ ? ଓ୍ୱଡ଼ ଆଛାୟ ବିଛାଡ଼୍ କିତୁଡ଼୍ । ତାବଲେ ଗାଲା ଅନା ମାନ୍‌ଦେ ବାତାୟ ଓ୍ୱାୟ । ସିୟାର ଆଛାୟ ହଜର ଅସୁବିଧାତେ ଆଡ଼୍‌ତୁଡ଼୍ ଅନ ନାୟାହ୍ ଖ୍ୱୟାନା ଆଉର୍ ତିନ୍ଦାନା ପାଲ୍ଲୋ ଓ୍ୱେହ୍‌ଛି ମାତଡ଼୍ ସାତ୍‌ଦିନା ତା ହାରି । ଆଉର୍ ହାନ୍‌ଜି ପେରେ ମାୟାନ ବାଦାନ୍ ? ସିୟାର ଉଣ୍ଡି ଓ୍ୱାଡାତେ ଆଉତୁଡ୍ । ଆଦେଓ୍ୱାଡାତଡ ମୁଖ୍ୱଆଲ ଅନ ଆଦର କିତୁଡ଼୍ ତାନା ପାଜା ପୁଚେ ମାତୁଡ଼୍ ନିମା ଇଗା ବାଅଁ କାଜେ ଓ୍ୱାତନି ।



ସେ ଡରିଗଲା । ଭଗବାନଙ୍କ ଠାରୁ କଣ ଖବର ଆଣିଥିଲା ? ମଣିଷଙ୍କୁ କ'ଣ କହିବ ? ସେ ବହୁତ ଭାବିଲା । ହେଲେ ତା ମନେ କିଛି ପଡ଼ିଲା ନାହିଁ । ସେ ବଡ଼ ଅସୁବିଧାରେ ପଡ଼ିଲା ଭଗବାନ ତାକୁ ଗାଧୋଇବା ଓ ଖାଇବା କଥା କହିଥିଲେ । ସାତଦିନର ବାଟ । ଥରେ ଯାଇ ପୁଣି ଫେରିଲେ କେମିତି ହେବ ? ସେ ଗୋଟିଏ ଗାଁରେ ପଂହଚିଲା । ସେଠାରେ ମୁଖିଆ ତାକୁ ଆଦର କଲେ ପଚାରିଲେ, "ତୁମେ ଏଠାକୁ କାହିଁକି ଆସିଛି ?" ଶିଆଳ କହିଲା, "ଭଗବାନ ମୋତେ ପଠାଇଛନ୍ତି ।" ଏ କଥା ଶୁଣି ମୁଖିଆ ଖୁସି ହେଲେ ।

**ସିୟାର ଓ୍ୱାହ୍‌ତୁଡ଼୍, ଭଗବାନ ନାକୁନ ରହ୍‌ତଡ୍ । ଇଦ୍ ପାଲ୍ଲୋଦୁନ ମୁଖିଆଲ୍ କେଞ୍ଝି ହାଡିକ୍ ଆତୁଡ଼୍ । ଓଲୋଡ଼୍ କାଜେ ବାତାୟ ଖବର ମାନ୍ତା ଇନ୍‌ଜି ମୁଖିଆଲ ପୁଛେମାତୁଡ଼୍ ମାଓ୍ୱ କାଜେ ବାତାୟ ଖବର ରହତଡ଼୍ । ସିୟାର୍‌ସାବ୍ ପାଲ୍ଲୋକୁନ୍ ମାରେଙ୍ଗସିତଡ଼୍ । ମାନ୍ ମାନ ଦେ ଭାବି କିସି ଇତୁଡ୍ ଉନ୍‌ଡିଗା ଓ ନାହାୟ, କିକିଟ୍ ମୁଣ୍ଡ ଗାଂୟ୍ ଗାଟ ତିନ୍‌କିଟ୍ । ଇଦ୍ ଖବଡ୍ କେଥି ମାନେୟ ହାଡିକ୍ ଆତୁଡ଼୍ । ସିୟାର ଆଉଡ଼୍ ଓ୍ୱାଡାଦେ ହାଥୁଡ଼୍ । ହାନ୍‌ଜି ଓ୍ୱେହତୁଡ଼୍ ନିମାଟ ଉଣ୍ଡିଗାଆଁ ନାହାୟ ଖିକୀ୦୍ ଆଉର୍ ହାଇଙ୍ଗି ଗାଆଁ ତିନ୍ଦକିଟ । ମାନେଏ ଲୋଡ଼୍ ଇଦ୍ ପାଲ୍ଲୋଦୁନ କେନଛି ଆଛାୟ ଖୁସି ଆତୁଡ଼୍ । ଇଦେନ କାଜେ ମାନେଏ ଲୋଡ଼୍ ଉଣ୍ଡିବାର ନାହାୟ୍ କିନ୍ତୋଡ଼୍ । ବାଛେକାୟ ଗାଲା ତିନଜିନତୋଡ଼୍ ।**



ସେମାନଙ୍କ ପାଇଁ କିଛି ଖବର ଥିବ ଭାବି ପଚାରିଲେ ଆମ ପାଇଁ କିଛି ଖବର ଦେଇଛନ୍ତି ? ଶିଆଳ ସବୁ କଥା ଭୁଲି ଯାଇଥିଲା । ମନକୁ ମନ ଭାବି କହିଲା, "ଆପଣ ମାନେ ଦିନକୁ ଥରେ ଗାଧୋଇବେ । ତିନିଥର ଖାଇବେ ।" ଏଖବର ଶୁଣି ଲୋକେ ବହୁତ ଖୁସି ହେଲେ । ଶିଆଳ ଅନ୍ୟ ଗାଆଁରେ ପହଂଚି କହିଲା, "ଆପଣମାନେ ଥରେ ଗାଧୋଇବେ ପାଂଚ ଥର ଖାଇବେ ।" ଲୋକମାନେ ଏକଥା ଶୁଣି ଖୁସି ହୋଇଗଲେ । ଏଥିଯୋଗୁ ମଣିଷ ଥରେ ଗାଧୋଉଛି । ଯେତେବେଳେ ଚାହୁଁଛି ଖାଉଛି ।

## ଓଡି ବାଦାନ ଚଲେ ମାନ୍ତା (ପବନ ବହିବା କଥା)

ଦିନ ଆରୁ ନୁଲ୍‌ପେ ମତାଲ୍ । ଓଡ଼ା ଓରୋଡ଼୍ ପେକାଲ ଆରୁ ଉଣ୍ଡିଜନ୍ ପେଗ୍‌ଡ଼ି ମତାଲ୍ । ପେକାନା ପାଦର ମାତାଲ୍ ପଡ୍‌ଦ୍ ପେଗ୍‌ଡି ଦା ପାଦର ମାତାଲ ଲାଲେଞ୍ଜ୍ । ଉଣ୍ଡିଦିନା ପେକାଲ ଆରୁ ପେଗ୍‌ଡି ଜାଙ୍ଗେଲତିକେ ଓଲିଇଲା ହାତୁଡ । ଆଗା ଉଣ୍ଡିଟାନ ମାସୁଲ ତାରାସ ମାତାଲ । ଏଲୋଡ଼୍ ଓଲିଇସି ଓଲିଇସି ହାଦ୍ ଜାଗାଦେ ପହଂଚେ ମାତୁଡ଼୍ । ମାସୁଲ ତାରାସ ଖରତେ ମାତାଲ୍ । ଏଲୋଡ଼୍ କୁନ ହୁଡ଼ସି ତିନ୍ଦଲା ବିରେଡ଼୍ କିତ୍ ଉଣ୍ଡି ନିଶ୍ୱାସତେ ପାଟା ଲାପା ପିଡିଙ୍ଗ୍‌ସି ଓତ୍ । ଦିନ୍ ଆରୁ ନୁଲ୍‌ପେ ପେକଡ ପେକିକୁନ୍ ଖୋଜ୍‌କିଲା ହାତୁଡ଼୍ । ବାଗାୟ ଆଉହଡ଼୍ । ଚିନ୍ତାତେ ୱାତୁଡ଼୍ । ଓଲୋଡ଼୍‌କୁନ୍ ଉଣ୍ଡିଟାନ୍ ପିଟେ ୱାହତ୍ । ପେକାଲ୍ ପେଗ୍‌ଡିତୁନ୍ ମାସୁଲ ତାରାସ ତିନ୍‌ଜିତାଲ୍ ।



ଦିନ ଓ ରାତି ଥିଲେ । ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିଲେ । ପୁଅର ନାଆଁ  ଥିଲା ସୂର୍ଯ୍ୟ । ଝିଅର ନାଆଁ ଥିଲା ଚନ୍ଦ୍ର । ଦିନେ ଭାଇ ଭଉଣୀ ବଣକୁ ବୁଲିବାକୁ ଗଲେ । ସେଠି ଗୋଟିଏ ଅଜଗର ସାପ ଥିଲା । ଏମାନେ ବୁଲୁ ବୁଲୁ ସେଠାରେ ପଂହଚିଲେ । ଅଜଗର ଭୋକିଲା ଥିଲା । ଏମାନଙ୍କୁ ଦେଖି ଖାଇବ ବୋଲି ଭାବିଲା, ଗୋଟିଏ ନିଶ୍ୱାସରେ ପେଟ ଭିତରକୁ ଟାଣି ନେଲା । ଦିନ ଓ ରାତି ପୁଅ ଝିଅକୁ ଖୋଜିଲେ । କେଉଁଠି ପାଇଲେନି । ହତାସ ହୋଇ ପଡ଼ିଲେ । ସେମାନଙ୍କୁ  ଚଢ଼େଇଟିଏ କହିଲା, “ସେମାନଙ୍କୁ ଅଜଗର ଖାଇଯାଇଛି” ।

**ଇଦ୍ ପାଲ୍ଲୋଦୁନ କେନଛି ଓଲୋଡ୍ ଆଛାୟ ବିଚାଡ୍ କିତୁଡ୍ ବାଁ ଖିକାଟ ? ନୁଲପେ ଆଦେନା ହେଲାଡ଼୍ ନିଦ୍ ତିଗା ହାତ୍ । ସାବ ପାଲ୍ଲୋକୁନ୍ ଓ୍ୱାହତ୍ । ତାନା ପାଜା ନିଦ୍ ଇତ୍, ଦେୟ୍ ନାନା ମାସୁଲ ତାରାସତା ଖଣ୍ଡାତିଗା ହଡିକାନ୍ । ଆଦ ହୁନଚିୟାଲ ଆଦେ ହୋକା ନିମାଟ୍ ପଡଦ ଆରୁ ଲାଲେଞ୍ଜି ଦୁନ ବାହାଡି  ତିକେ ପାସିହ୍କିଟ୍ ।  ସୁଯୋଗ ପୁଟତ୍ । ନିଦ ମାସୁଲ ତାରାସ୍ତା ଖଣ୍ଡା ତିଗା ହଲିଇସିତ୍ । ମାସୁଲ ତାରାସ ମାହାଦୁନ ଆଲେଙ୍ଗସି କିସି ରାମ୍ତାଲ୍ । ପଡଦ ଆରୁ ଲାଲେଞ୍ଜି ବାହାଡିତିକେ ପାସିଇତୁଡା ମାସୁଲ୍ ତାରାସତା ପାଟା ଚୁଛାୟ୍ ଆତ୍ ।**



ସେମାନେ ବହୁତ ଭାବିଲେ, କଣ କରାଯିବ  ? ରାତି ନିଜ ଭଉଣୀ ନିଦ ପାଖକୁ ଗଲା । ସବୁ କଥା କହିଲା । ନିଦ କହିଲା, "ଚାଲ ମୁଁ ଅଜଗର ଆଖିରେ ପଶିଯିବି । ସେ ଶୋଇଯିବ । ଏତିକିବେଳେ ତୁମେ ସୂର୍ଯ୍ୟ ଓ ଚନ୍ଦ୍ରକୁ ବାହାର କରିଦେବ ।" ସୁଯୋଗ ମିଳିଗଲା । ନିଦ  ଅଜଗର ଆଖିରେ ପଶିଗଲା । ଅଜଗର ପାଟି ମେଲା କରି ଶୋଇଲା । ସୂର୍ଯ୍ୟ ଓ ଚନ୍ଦ୍ର ବାହାରି ଆସିଲେ । ଅଜଗର ପେଟ ଖାଲି ହୋଇଗଲା । ସେ ନିଦରୁ ଉଠିଗଲା । ସେମାନଙ୍କୁ ଗୋଡ଼ାଇଲା ।

**ତାରାସ ହୁଞ୍ଜେଲେ ତାହ୍‌ଲିନ ତେଦ୍‌ତ୍ । ଓଲୋଡ଼୍‌କୁନ ପୁଡସି ଓତ୍ । ଓଲୋଡ଼୍ ଆଛାୟ ଜେଞ୍ଜେଟତେ ଆଡ଼୍‌ତୁଡ଼୍ । ଦିନ ପଡଦ୍ ଦୁନ୍ ପାଇସି ଡାୟତୁ । ନୁଲପେ ଲାଲେଞ୍ଜୀ ଦୁନ ପାଇସି ଓତୁଡ଼୍ । ଓଲୋଡ଼୍ ଆକାଶତେ ପଂହଚେମାତୁଡ଼୍ । ପଡ୍‌ଦ୍ ଆରୁ ଲାଲେଞ୍ଜୀ ଆକାଶତେ ମାନ୍ତୋଡ୍ । ଧାର୍‌ତୀତେ ୱାତେକ୍ ମାସୁଲ ତାରାସ୍ ତିନ୍‌ଜିୟାଲ ଇନ୍‌ଜି ଓରିଇତୁଡ୍ । ଆଦେନ କାଜେ ପଡ୍‌ଦ୍ ଦିନଦେ ଆରୁ ଲାଲେଞ୍ଜୀ ନୁଲପେ ଡିସ୍‌ଲାତା । ମାସୁଲ ତାରାସ ଏଲୋଡ଼୍‌କୁନ ହୁଡ଼ସି ରିଶ୍ ଆନ୍ତା । କଇଲାସ୍ ମାଟାତେ ମାନ୍‌ଜି ପୁଁ ପୁଁ କିନ୍ତା । ଆଦେନ କାଜେ ଧାରତୀ ଆରୁ ଆକାଶ୍‌ତା ଓଡ଼ି ନଉଡ଼େ ଚଲେ ମାନ୍ତା ।**



ସେମାନେ ବିପଦରେ ପଡ଼ିଲେ । ଦିନ ସୂର୍ଯ୍ୟକୁ ନେଇ ପଳାଇଲା । ରାତି ଚନ୍ଦ୍ରକୁ ନେଇ ଚାଲିଗଲା । ସେମାନେ ଆକାଶରେ ପହଂଚିଲେ । ସୂର୍ଯ୍ୟ ଓ ଚନ୍ଦ୍ର ଆକାଶରେ ରହିଲେ । ପୃଥିବୀକୁ ଆସିଲେ ଅଜଗର ଖାଇଦେବ ବୋଲି ଡରିଗଲେ । ତେଣୁ ସୂର୍ଯ୍ୟ ଦିନରେ ଓ ଚନ୍ଦ୍ର ରାତିରେ ଦେଖାଦିଏ । ଅଜଗର ଏମାନଙ୍କୁ ଦେଖି ରାଗିଯାଏ । କୈଳାସ ପର୍ବତ ଉପରେ ଥାଇ ଫୁ ଫୁ କରେ । ଯାହା ଫଳରେ ପୃଥିବୀ ଓ ଆକାଶ ମଝିରେ ପବନ ବହେ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର